# ଆଜି ଭୋଟ ଗଣତି ▶ ହାର-ଜିତ୍‌କୁ ନେଇ ପ୍ରାର୍ଥୀ ଓ ସମର୍ଥକଙ୍କ ସରୁନି ଅଙ୍କକଷା







**ବାରିପଦା, ୩।୬(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ମେ୨୫ ଓ ଜୁନ ୧ତାରିଖ ଶେଷ ହୋଇଥିବା ସାଧାରଣ ନିର୍ବାଚନର ଭୋଟ ଗଣତି ମଙ୍ଗଳବାର ସକାଳୁ ଆରମ୍ଭ ହେବ। ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇଥିବା ଜିଲ୍ଲାର ମତଦାତାଙ୍କ ଜନାଦେଶକୁ ନେଇ ଜିଲ୍ଲାବାସୀ ବେଶ୍ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଭୋଟ ଗଣତି ସକାଳ ୭ଟାରୁ ଗଣତି ଆରମ୍ଭ ହୋଇ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ମୟୂରଭଞ୍ଜ ଲୋକସଭା ଏବଂ ବାରିପଦା, ବାଙ୍ଗିରିପୋଷି, ମୋରଡା, ଉଦଳା, ସାରସକଣା, ଯଶିପୁର ଓ ରାଇରଙ୍ଗପୁର ବିଧାନସଭା ଆସନ ଏବଂ କେନ୍ଦୁଝର ଲୋକସଭା ଅଧୀନ କରଞ୍ଜିଆ ଓ ବାଲେଶ୍ୱର ଲୋକସଭା ଅଧୀନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲାର ୫ଟି ସ୍ଥାନରେ ଭୋଟଗଣତି ପାଇଁ ପ୍ରସ୍ତୁତି ଶେଷ ହୋଇଛି। କରଞ୍ଜିଆ ସ୍ୱୟଂଶାସିତ କଲେଜରେ କରଞ୍ଜିଆ ଓ ଯଶିପୁର ନିର୍ବାଚନ ମଣ୍ଡଳୀ, ରାଇରଙ୍ଗପୁର ମହିଳା କଲେଜରେ ରାଇରଙ୍ଗପୁର ଓ ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀ, ବାରିପଦା ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୋରଡା, ବଡସାହି ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କେନ୍ଦ୍ରରେ ବାରିପଦା ନିର୍ବାଚନ ମଣ୍ଡଳୀ ଓ ଉଦଳା କଲେଜରେ ଉଦଳା ନିର୍ବାଚନ ମଣ୍ଡଳୀ ପାଇଁ ଗଣତି ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ପ୍ରତ୍ୟେକ ଗଣତି କେନ୍ଦ୍ରରେ ଜଣେ ଲେଖାଏଁ ଅଫିସରକୁ ନିଯୁକ୍ତ କରାଯାଇଛି। କରଞ୍ଜିଆ କେନ୍ଦ୍ର ପାଇଁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ରାଇରଙ୍ଗପୁର କଲେଜ ଓ ଏମପିସି ସ୍ୱୟଂଶାସିତ କଲେଜ କେନ୍ଦ୍ର ପାଇଁ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କେନ୍ଦ୍ର ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭୂତିଭୂଷଣ ନାୟକ, ଉଦଳା କେନ୍ଦ୍ର ପାଇଁ ସଦର ଉପଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ ଦାୟିତ୍ୱରେ ରହିଛନ୍ତି। ୯ଟିଯାକ ବିଧାନସଭା ପାଇଁ ମୋଟ ୨୨୪ ରାଉଣ୍ଡରେ ଭୋଟ ଗଣତି ହେବ। କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ୧୪ଟି ଟେବୁଲ ମାଧ୍ୟମରେ ୧୮ ରାଉଣ୍ଡ, ଯଶିପୁର ପାଇଁ ୧୪ଟି ଟେବୁଲରେ ୨୧ରାଉଣ୍ଡ, ସାରସକଣା ପାଇଁ ୮ଟି ଟେବୁଲରେ ୩୪ରାଉଣ୍ଡ, ରାଇରଙ୍ଗପୁର ପାଇଁ ୮ଟି ଟେବୁଲରେ ୩୭ରାଉଣ୍ଡ, ବାଙ୍ଗିରିପୋଷି ପାଇଁ ୧୦ଟି ଯେବୁଲରେ ୨୬ରାଉଣ୍ଡ, ଉଦଳା ପାଇଁ ୧୨ଟି ଟେବୁଲରେ ୨୧ରାଉଣ୍ଡ, ବାରିପଦା ପାଇଁ ୧୦ଟି ଟେବୁଲରେ ୨୬ରାଉଣ୍ଡ, ମୋରଡା ପାଇଁ ୧୪ଟି ଟେବୁଲରେ ୨୧ରାଉଣ୍ଡ ଓ ବଡ଼ସାହି ପାଇଁ ୧୨ଟି ଟେବୁଲରେ ୨୦ରାଉଣ୍ଡ ଗଣତି ହେବ। ମୋଟ ୧୦୨ଟି ଇଭିଏମ ଟେବୁଲ ଓ ପୋଷ୍ଟାଲ ବାଲଟ ଭୋଟ ଗଣତି ପାଇଁ ୩୨ଟି ଟେବୁଲ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଜିଲ୍ଲାରେ ମୋଟ ୨୧୨୭ଟି ବୁଥରେ ହୋଇଥିବା ନିର୍ବାଚନ ଫଳାଫଳ ଗଣତି ନିମନ୍ତେ ୧୧୫୪ କର୍ମଚାରୀ, ସହକାରୀ ଗଣତି କର୍ମଚାରୀ, ମାଇକ୍ରୋ ଅବଜରଭର ଓ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। କେବଳ ପୋଷ୍ଟାଲ ବାଲଟ ଗଣତି ପାଇଁ ୧୯୨ ଜଣ ନିଯୁକ୍ତ ହୋଇଛନ୍ତି। ଗଣତି ପାଇଁ ଜିଲ୍ଲାରେ ପ୍ରତ୍ୟେକ କେନ୍ଦ୍ରର ୧୦୦ ମିଟର ଦୂରତାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ପ୍ରତି କେନ୍ଦ୍ର ନିକଟରେ କେନ୍ଦ୍ରୀୟ ବନ୍ଧୁକଧାରୀ ସୁରକ୍ଷା ବଳ, ଓଡ଼ିଶା ବନ୍ଧୁକଧାରୀ ପୁଲିସ ଓ ଓଡ଼ିଶା ପୁଲିସ ନିୟୋଜିତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଏସପି ଏସ.ସୁଶ୍ରୀ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି। ତେବେ ଗଣତି ସମୟ ଯେତେ ପାଖେଉଛି ପ୍ରାର୍ଥୀ ଏବଂ ସମର୍ଥକ ହାରଜିତକୁ ନେଇ ଅଙ୍କକଷା ସେତେ ଜୋର ଧରିଛି। ଜିଲ୍ଲାରେ ମୋଟ ୧୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସେମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ଭାବେ ସୁଦାମ ମାରାଣ୍ଡି ଥିବା ବେଳେ ବିଧାୟକ ନବଚରଣ ମାଝୀ ରହିଛନ୍ତି। ସେହିପରି ବିଧାନସଭା ପ୍ରାର୍ଥୀ ଭାବେ ବାସନ୍ତୀ ହେମ୍ବ୍ରମ, ବିଧାୟକ ପ୍ରକାଶ ସୋରେନ, ଭାସ୍କର ମଢେଇ, ଗଣେଶରାମ ସିଂ ଖୁଣ୍ଟିଆ, ସନାତନ ବିଜୁଳି ଓ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପଦ୍ମଚରଣ ହାଇବ୍ରୁ, ଭାଦବ ହାଁସଦା, ସୁଦାମଙ୍କ ପତ୍ନୀ ରଞ୍ଜିତା ମାର୍ଣ୍ଡି, ବିଧାୟକ ରାଜକିଶୋର ଦାସଙ୍କ ପତ୍ନୀ ପ୍ରୀତିନନ୍ଦା କାନୁନଗୋ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ପତ୍ନୀ ଅନସୂୟା ପାତ୍ର ଏବଂ ଜେଏମଏମର ରାଜ୍ୟ ଅଧ୍ୟକ୍ଷା ଅଞ୍ଜନୀ ସୋରେନ ମଧ୍ୟ ରହିଛନ୍ତି। ଅଞ୍ଜନୀ ମୟୂରଭଞ୍ଜ ଲୋକସଭା ଓ ସାରସକଣା ବିଧାନସଭା ଆସନରୁ ନିର୍ବାଚନ ଲଢିଛନ୍ତି।

**୫ଟି ସ୍ଥାନରେ ୯ ବିଧାନସଭା ପାଇଁ ୨୨୪ ରାଉଣ୍ଡରେ ହେବ ଭୋଟ ଗଣତି**

### ପ୍ରକାଶ ପାଇଲା ପୂର୍ଣ୍ଣାଙ୍ଗ ମତଦାନ ତାଲିକା

## ମୟୂରଭଞ୍ଜରେ ଭୋଟହାର ୭୫.୮୮%; ରାଜ୍ୟରେ ସର୍ବାଧିକ

**ବାରିପଦା, ୩।୬(ସମିସ):** ପୋଷ୍ଟାଲ ବାଲଟ ତାଲିକା ଆସିବା ପରେ ମୟୂରଭଞ୍ଜ ଜିଲ୍ଲାର ମତଦାନ ହାର ୭୫.୮୮ ପ୍ରତିଶତ ହୋଇଥିବା ଜଣାପଡ଼ିଛି; ଯାହାକି ଚଳିତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟର ସର୍ବାଧିକ ପ୍ରତିଶତ ମତଦାନ ହୋଇଛି। ମୋଟ ୧୯ ଲକ୍ଷ ୩୧ ହଜାର ୭୦୫ ଭୋଟରଙ୍କ ମଧ୍ୟରୁ ୧୪ଲକ୍ଷ ୭୧ହଜାର ୧୨୪ଜଣ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ଲକ୍ଷ ୧୬ହଜାର ୩୫୫ଜଣ ପୁରୁଷ, ୭ଲକ୍ଷ ୪୪ହଜାର ୬୪୪ଜଣ ମହିଳା ଓ ୨୫ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଗତ ୨୫ତାରିଖରେ ଅନୁଷ୍ଠିତ କରଞ୍ଜିଆ ବିଧାନସଭାର ମତଦାନ ହାର ୭୪.୯୪ ପ୍ରତିଶତ ରହିଥିଲା ବେଳେ ଶନିବାର ଅନୁଷ୍ଠିତ ନିର୍ବାଚନରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୭୮.୦୮ ପ୍ରତିଶତ ହୋଇଥିଲା। ବାରିପଦା ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୭୨.୦୦ ପ୍ରତିଶତ ମତଦାନ ହୋଇଛି। ସେହିପରି ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୭୩.୭୨ ପ୍ରତିଶତ, ମୋରଡାରେ ୭୭.୨୩ ପ୍ରତିଶତ, ଉଦଳାରେ ୭୭.୧୭ପ୍ରତିଶତ, ସାରସକଣାରେ ୭୫.୦୮ପ୍ରତିଶତ, ବଡ଼ସାହିରେ ୭୫.୯୩ ଓ ଯଶିପୁର ନିର୍ବାଚନ ମଣ୍ଡଳୀରେ ୭୭.୩୫ ପ୍ରତିଶତ ମତଦାନ ହୋଇଛି। ଚଳିତ ନିର୍ବାଚନରେ ଜିଲ୍ଲାରେ ପିଭିଟିଜିଙ୍କ ମତଦାନ ହାର ବୃଦ୍ଧି ପାଇଛି। ଜିଲ୍ଲାର ଆଦିବାସୀ ବର୍ଗ ଏଥର ଅଧିକ ସଂଖ୍ୟାରେ ମତଦାନ କରିଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାରେ ବିଶେଷ ଦୁର୍ବଳ ଆଦିବାସୀ ଗୋଷ୍ଠୀ (ପିଭିଟିଜି)ଙ୍କ ମତଦାନ ହାର ବୃଦ୍ଧି ପାଇଛି। ଚଳିତ ବର୍ଷ ୯୮ ପ୍ରତିଶତ ପିଭିଟିଜି ମତଦାନ କରିଛନ୍ତି; ଯାହାକି ବିଗତ ବର୍ଷ ନିର୍ବାଚନ ମତଦାନଠାରୁ ୨୫ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି। ମେ ୨୫ରେ ଅନୁଷ୍ଠିତ କରଞ୍ଜିଆ ନିର୍ବାଚନ ମଣ୍ଡଳୀ ପାଇଁ ହୋଇଥିବା ମତଦାନରେ ୧୭ଟି ପିଭିଟିଜି ବୁଥରେ ୯୮% ଭୋଟ ହାର ହୋଇଥିଲା। ସେଠାରେ ୬୭୦ଜଣ ଭୋଟରଙ୍କ ମଧ୍ୟରୁ ୬୫୫ ଜଣ ମତଦାନ କରିଥିଲେ। ପୁଣି ଜୁନ ୧ ନିର୍ବାଚନରେ ପିଭିଟିଜିଙ୍କ ଦ୍ୱାରା ଭଲ ମତଦାନ ହୋଇଛି। ଯାହାକି ଏକ ଅନନ୍ୟ ସଫଳତା ବୋଲି ଜିଲ୍ଲାପାଳ କହିଛନ୍ତି।

### କିଏ ପିନ୍ଧିବି ମୋରଡ଼ାର ବିଜୟ ମୁକୁଟ

## ଆଜି ଗଣତି; ଫଳାଫଳ ଉପରେ ସମସ୍ତଙ୍କ ନଜର

**ମୋରଡ଼ା, ୩।୬(ସମିସ):** ଆଜି ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା। ଚଳିତ ନିର୍ବାଚନରେ କିଏ ମାରିବ ବାଜି ଏବଂ କାହାର ହାତକୁ ଯିବ ମୟୂରଭଞ୍ଜ ଜିଲ୍ଲାର କେଉଁ ଆସନ ସେ ନେଇ ବିଭିନ୍ନ ଚା' ଖଟିରେ ଆଲୋଚନା ଚାଲିଛି। ଆସନ୍ତାକାଲି ଗଣତି ଉପରେ ସମସ୍ତଙ୍କ ନଜର। ଫଳରେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ରକ୍ତଚାପ ଧିରେ ଧିରେ ବଢ଼ିବାରେ ଲାଗିଛି। ତେବେ ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ସ୍ପଷ୍ଟ ଚିତ୍ର ଆସିଯିବ। ଫଳାଫଳକୁ ନେଇ ପ୍ରାର୍ଥୀ, ନେତା, ସମର୍ଥକ ଏବଂ ସାଧାରଣଜନତାଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ମୟୁରଭଞ୍ଜ ଜିଲ୍ଲାର ସମସ୍ତ ଆସନ ମଧ୍ୟରୁ ମୋରଡ଼ା ହେଉଛି ସବୁଠାରୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ୧୭ଜଣ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ପୁରୁଷ ଭୋଟର ୧ଲକ୍ଷ ୧୬ହଜାର ୮୯୭ ଏବଂ ମହିଳା ଭୋଟର ୧ ଲକ୍ଷ ୧୬ ହଜାର ୭୭୫ ଜଣ ଏବଂ ୯ଜଣ ସମଲିଙ୍ଗୀଙ୍କୁ ମିଶାଇ ୨ଲକ୍ଷ ୩୩ହଜାର ୬୮୧ଜଣ ଭୋଟର ରହିଛନ୍ତି। ତେବେ ଚଳିତ ନିର୍ବାଚନରେ ୧ଲକ୍ଷ ୮୦ହଜାର ୪୮୧ଜଣ ମତଦାନ କରିଥିବା ସୂଚନା ମିଳିଛି। ଏହି ଆସନରେ ୭୭.୨୩% ପ୍ରତିଶତ ମତଦାନ ହୋଇଛି। ତେବେ ପୁରୁଷ ଭୋଟରଙ୍କ ଅପେକ୍ଷା ମହିଳା ଭୋଟର ଅଧିକ ମତଦାନ କରିଛନ୍ତି। ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିବା ନେଇ ଆକଳନ କରାଯାଇଛି। ସେହିପରି ଜେଏମଏମ ଏବଂ ସ୍ୱାଧୀନ ଏବଂ ଭଞ୍ଜସେନା ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଥିବା ରାଜନୀତି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।



## ହାତୀ ଆକ୍ରମଣରେ ଜଣେ ମୃତ

**ବାରିପଦା/ବଡ଼ସାହି, ୩।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧୀନ ଶିଆଳିଘାଟି ପଞ୍ଚାୟତ କାଉଚି ଗ୍ରାମର ଜଣେ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ କରଣ ଟୁଡୁଙ୍କ ପୁଅ ବୁକାଇ (୫୦)। ସେ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସୋମବାର ଜଙ୍ଗଲରେ ଗ୍ରାମବାସୀ ତାଙ୍କର ମୃତଦେହ ଦେଖି ପୁଲିସ ଓ ବନବିଭାଗକୁ ଖବର ଦେଇଥିଲେ। ପରେ ପୁଲିସ ଏବଂ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଥାଉକି, ଉକ୍ତ ହାତୀ ଦୁଇଟି କିଛି ଦିନ ହେବ କାଉଚି ଜଙ୍ଗଲରେ ରହି ଉପଦ୍ରବ କରୁଛନ୍ତି।



## ନୁରୁବାଦାଡ଼ାରୁ ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର

**ରାଇରଙ୍ଗପୁର, ୩।୬(ସମିସ):** ରବିବାର ଅପରାହ୍ନରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନୁରୁବାଦାଡା ଗାଁ ନିକଟରେ ସେହି ଗାଁର ପୁରେନ୍ଦ୍ର ମହାନ୍ତଙ୍କ ଝୁଲନ୍ତା ଶବକୁ ପୁଲିସ ଉଦ୍ଧାର କରିଛି। ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ସୋମବାର ବ୍ୟବଚ୍ଛେଦ କରାଇ ଅଧିକ ତଦନ୍ତ ଚଳାଇଛି ପୁଲିସ; ହେଲେ ମୃତ୍ୟୁର କାରଣ ଜଣାପଡ଼ିନାହିଁ।







## ଭୋଟ ଗଣତି ପୂର୍ବରୁ ମଦ କାଉଣ୍ଟର ଓ ଦେଶୀ ଭାଟି ସିଲ୍

**ବେତନଟୀ, ୩।୬(ସମିସ):** ସାଧାରଣ ନିର୍ବାଚନ-୨୦୨୪ ଶାନ୍ତିଶୃଙ୍ଖଳାର ସହିତ ସମ୍ପାଦିତ ହୋଇଥିବା ବେଳେ ମଙ୍ଗଳବାର ଭୋଟଗଣତି ଓ ଫଳାଫଳ ଘୋଷଣାକୁ ଦୃଷ୍ଟିରେ ରଖି ସୋମବାର ଲାଇନସେନ୍ସପ୍ରାପ୍ତ ମଦ କାଉଣ୍ଟର ଏବଂ ଦେଶୀ ଭାଟିକୁ ସିଲ୍ କରିଛି ଅବକାରୀ ବିଭାଗ। ବେତନଟୀ ଅବକାରୀଥାନା ଅଧୀନରେ ଥିବା ବେତନଟୀ ଓ ବଡସାହି ବ୍ଲକର ୮ଟି ଲାଇସେନ୍ସପ୍ରାପ୍ତ ଠିପିବନ୍ଦ ବିଦେଶି ମଦକାଉଣ୍ଟର ଥିବାବେଳେ ମହୁଲିମଦ ଉତ୍ପାଦନକାରୀ ୪ଟି ଦେଶିଭାଟି ରହିଛି। ବେତନଟୀ ଅବକାରୀ ଥାନାଅଧିକାରୀ ପ୍ରକାଶ ସାହୁ ସୋମବାର ସଦଳବଳେ ସମସ୍ତ ଲାଇସେନ୍ସପ୍ରାପ୍ତ ମଦକାଉଣ୍ଟର ଏବଂ ଦେଶିଭାଟି ଗୁଡିକୁ ସିଲ୍ କରିଛନ୍ତି। ମଙ୍ଗଳବାର ଭୋଟଗଣତି ଓ ଫଳାଫଳ ଘୋଷଣା ପରେ ବୁଧବାର ସକାଳେ ସିଲ୍ ଖୋଲାଯିବାନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଭୋଟ ଗଣତି ନେଇ ଅଧିକାରୀଙ୍କୁ ତାଲିମ

**ବାରିପଦା, ୩।୬(ସମିସ):** ସାଧାରଣ ନିର୍ବାଚନ ମତଦାନ ପ୍ରକ୍ରିୟା ଅବାଧ ଓ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଭୋଟ ଗଣତି ହେବାକୁ ଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟ ଗଣତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବା ନିମନ୍ତେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୟୂରଭଞ୍ଜ ଜିଲ୍ଲାର ଲୋକସଭା ସମେତ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗଣତି କିପରି ହେବ ସେ ନେଇ ପର୍ଯ୍ୟବେକ୍ଷକ ତାଲିମ ଦେଇଛନ୍ତି। ଏ ନେଇ ଗଣତି କର୍ମଚାରୀ, ସହକାରୀ ଗଣତି କର୍ମଚାରୀ ଓ ମାଇକ୍ରୋ ଅବଜରଭରଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ ତାଲିମ ପ୍ରଦାନ କରିଛନ୍ତି। ବାରିପଦାଠାରେ ନିର୍ବାଚନ ପାଇଁ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ଡ. ଓଁମ ପ୍ରକାଶ ଉପସ୍ଥିତ ରହି ଭୋଟ ଗଣତି ପ୍ରକ୍ରିୟାକୁ କିପରି ପରିଚାଳନା ହେବ ସେ ନେଇ ଇଭିଏମ ବାବଦରେ ଦ୍ୱିତୀୟ ପର୍ଯ୍ୟାୟର ତାଲିମ ପ୍ରଦାନ କରିଥିଲେ। ଟେବୁଲରେ ଗଣତି ପ୍ରକ୍ରିୟାଗୁଡ଼ିକ ବାବଦ ମଧ୍ୟ ସେମାନଙ୍କ ସହ ଆଲୋଚନା କରିଥିଲେ।








## ରାଇରଙ୍ଗପୁର ଓ ସାରସକଣା ବିଧାନସଭା ଆସନ

# ଆଜି ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା; ବଢୁଛି ଉତ୍କଣ୍ଠା

ରାଇରଙ୍ଗପୁର, ୩।୬(ସମିସ)

ଅନ୍ତିମ ପର୍ଯ୍ୟାୟ ନିର୍ବାଚନରେ ରାଇରଙ୍ଗପୁର ଓ ସାରସକଣା ବିଧାନସଭା ସହିତ ଲୋକସଭା ଆସନରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସଂରକ୍ଷିତ ସାରସକଣାରେ ୨୬୫ ବୁଥ ଓ ରାଇରଙ୍ଗପୁର ଆସନରେ ୨୯୫ଟି ବୁଥ୍‌ରେ ମତଦାନ ହୋଇଛି। ସାରସକଣା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୯ ହଜାର ୧୭୩ ଭୋଟର ରହିଥିବାବେଳେ ୧ ଲକ୍ଷ ୫୭ ହଜାର ୪୬ ଜଣ ମତ ସାବ୍ୟସ୍ତ କରିଛନ୍ତି। ଫଳରେ ସାରସକଣାରେ ୭୫.୦୮ ପ୍ରତିଶତ ମତଦନା ହୋଇଛି।ସେହିପରି ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୨୯ ହଜାର ୯୫୬ ଭୋଟର ରହିଥିବାବେଳେ ୧ ଲକ୍ଷ ୬୯ ହଜାର ୫୩୦ ଜଣ ଭୋଟ ଦେଇଛନ୍ତି। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ମୋଟ ୭୩.୭୨% ମତଦାନ ହୋଇଥିଲା ବୋଲି ସୂଚନା ମିଳିଛି। ଭୋଟ ପ୍ରକ୍ରିୟା ପରେ ଇଭିଏମଗୁଡିକ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟଷ୍ଟ୍ରଙ୍ଗରୁମ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ବିଧାନସଭା ଓ ଲୋକସଭା ପାଇଁ ଅଲଗା ଅଲଗା ଗୃହରେ ରଖାଯାଇଥିଲା।ମଙ୍ଗଳବାର ସକାଳ ୭ଟାରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଭୋଟ ଗଣତି ପ୍ରକ୍ରିୟା ଆରମ୍ଭ କରାଯିବ। ଏହି ଦୁଇଟିଯାକ ବିଧାନସଭା ଆସନରେ ଭୋଟ ଗଣତି ପାଇଁ ୧୬ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ଭୋଟ ଗଣତି ପ୍ରାୟ ୩୬ ରାଉଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ବିଭିନ୍ନ ଦଳୀୟ ଏଜେଣ୍ଟଙ୍କୁ ମଧ୍ୟ ନିୟୋଜିତ କରାଯାଇଛି।



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଓ ସାରସକଣା ନିର୍ବାଚନ ମଣ୍ଡଳୀର ବିଜେପି, ବିଜେଡି, ଜେଏମଏମ ଓ କଂଗ୍ରେସ ଦଳର ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ମଙ୍ଗଳବାର ଜଣାପଡ଼ିବ। ଏହି ଦୁଇଟିଯାକ ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ଆସନ୍ତାକାଲି ଫଳାଫଳ ନେଇ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ରାଇରଙ୍ଗପୁରରୁ ବିଜେଡିରୁ ରାଇସେନ ମୁର୍ମୁ ଓ ବିଜେପି ପ୍ରାର୍ଥୀ ଜଲେନ ବାରଦା ମଧ୍ୟରେ ମୁକାବିଲା ହୋଇଛି। ସେହିପରି ସାରସକଣା ବିଧାନସଭା ଆସନ ପାଇଁ ବିଜେଡିରୁ ଡାଃ ଦେବାଶିଷ ମାର୍ଣ୍ଡି ଓ ବିଜେପିରୁ ଭାଦବ ହାଁସଦାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ରାଇରଙ୍ଗପୁର, ବହଳଦା, ଜାମଦା, ତିରିଂ ସହିତ ରାଇରଙ୍ଗପୁର ପୌର ପରିଷଦକୁ ରାଇରଙ୍ଗପୁର ବିଧାନସଭା ଆସନ ଗଠିତ। ଗତ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାଇବା ସୁଶୀଲ ହାଁସଦା ବିଜେପି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାୟ ୬୩୮୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଏହା ପରେ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ନବଚରଣ ମାଝୀ ବିଜେଡି ପ୍ରାର୍ଥୀ ବାସନ୍ତୀ ମାର୍ଣ୍ଡିଙ୍କୁ ୨୮୪୬ ଖଣ୍ଡ ଭୋଟରେ ପରାସ୍ତ କରି ଜୟଯୁକ୍ତ ହୋଇଥିଲେ। ଚଳିତ ନିର୍ବାଚନ ପୂର୍ବରୁ ଅନେକ ବିଜେପି ନେତା ବିଜୁ ଜନତା ଦଳରେ ଯୋଗଦେବା ପରେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ସଂଗଠନ ଆହୁରି ସୁଦୃଢ଼ ହୋଇଥିଲା। ପୌରପରିଷଦ ନିର୍ବାଚନରେ ବିଜେଡି ପୌରାଧ୍ୟକ୍ଷ ପଦ ହାତେଇଥିଲା। ବିଜେଡି ପ୍ରତି ଲୋକମାନଙ୍କ ବଢୁଥିବା ଲୋକପ୍ରିୟତାର ସଂକେତ ମିଳିଥିବାରୁ ବର୍ତ୍ତମାନ ରାଇରଙ୍ଗପୁର ଓ ସାରସକଣା ବିଧାନସଭା ଆସନରେ ଶଙ୍ଖନାଦ ହେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ୧୪ ପ୍ରାର୍ଥୀଙ୍କ ହେବ ଭାଗ୍ୟ ନିର୍ଣ୍ଣୟ

ବିଶୋଇ, ୩।୬ (ସମିସ) : ଜୁନ ୧ ତାରିଖରେ ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ମତଦାନ ସରିଛି। ମୟୂରଭଞ୍ଜ ଜିଲ୍ଲାରେ ୮ଟି ବିଧାନସଭା ଆସନରେ ମୋଟ ୧୩ ଲକ୍ଷ ୨୧ ହଜାର ୧୦ ଜଣ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ଯଶିପୁରରେ ୧, ୬୮, ୯୨୬, ରାଇରଙ୍ଗପୁରରେ ୧, ୬୯, ୫୩୦ ଜଣ, ବାଙ୍ଗିରିପୋଷିରେ ୧, ୭୪, ୮୯୮, ଉଦଳାରେ ୧, ୫୬, ୫୭୨, ବଡ଼ସାହିରେ୧, ୫୧, ୬୭୧, ବାରିପଦାରେ ୧, ୬୧, ୮୮୬, ମୋରଡ଼ାରେ ୧, ୮୦, ୪୮୧ ଜଣ ମତଦାତା ମତଦାନ କରିଛନ୍ତି। ସେହିପରି ସାରସକଣା ଆସନରେ ୨ଲକ୍ଷ ୯ ହଜାର ୧୭୩ ଜଣ ଭୋଟର ରହିଥିବାବେଳେ ୧ ଲକ୍ଷ ୫୭ ହଜାର ୪୬ ଜଣ ମତଦାତା ମତଦାନ କରିଛନ୍ତି; ଯାହାକି ୭୫.୦୮ ପ୍ରତିଶତ। ଏହି ଆସନରେ ପୁରୁଷଠାରୁ ଅଧିକ ମହିଳା ଭୋଟର ମତଦାନ କରିଛନ୍ତି। ସମୁଦାୟ ମତଦାତା ମଧ୍ୟରୁ ୭୬ ହଜାର ୧୪୮ ଜଣ ପୁରୁଷ ଭୋଟର ଓ ୮୦ ହଜାର ୮୯୭ ଜଣ ମହିଳା ଭୋଟର ଏବଂ ଅନ୍ୟାନ୍ୟ ବିଭାଗରେ କେବଳ ଜଣେ ମାତ୍ର ମତଦାତା ରହିଛନ୍ତି। ସମସ୍ତ ୧୪ ପ୍ରାର୍ଥୀ ମଧ୍ୟରୁ ବିଜେଡି ପ୍ରାର୍ଥୀ ଡ଼ା. ଦେବାଶିଷ ମାର୍ଣ୍ଡି ଓ ବିଜେପି ପ୍ରାର୍ଥୀ ଭାଦବ ହାଁସଦା ମଧ୍ୟରେଦ୍ୱିମୁଖୀ ଲଢେଇ ହୋଇଥିଲା। ଡ଼ା.ଦେବାଶିଷ ମୟୂରଭଞ୍ଜ ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇ ଆଦିବାସୀଙ୍କର ଧର୍ମପୀଠ, ଭାଷା, ସଂସ୍କୃତି ଓ ପରମ୍ପରା ସୁରକ୍ଷାରେ ସୂତ୍ରଧାର ସାଜିଛନ୍ତି। ସେହିପରି ଡ଼ା. ଦେବାଶିଷଙ୍କ ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ୪ ହଜାରରୁ ଊର୍ଦ୍ଧ୍ୱ ଧର୍ମପୀଠର ଉନ୍ନତିକରଣ ହେବା ସହିତ ଆଦିବାସୀଙ୍କ ପାଇଁ ୨ ହଜାର ବାଦ୍ୟଯନ୍ତ୍ର ଯୋଗାଇ ଦେଇଛନ୍ତି। ନିର୍ବାଚନର ଠିକ ୨ ଦିନ ପୂର୍ବରୁ ନବୀନ ଓଡ଼ିଶାର ବିନ୍ଧାଣି କାର୍ତ୍ତିକ ପାଣ୍ଡିଆନ ବିଶୋଇ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶିରେ କୋଟି କୋଟି ଟଙ୍କାର ବ୍ୟୟ ବରାଦରେ ଧର୍ମପୀଠ, ବିଦ୍ୟାଳୟର ରୂପାନ୍ତରିକରଣ ଏବଂ ରାସ୍ତାଘାଟ, କମ୍ୟୁନିଟି ସେଣ୍ଟର ନିର୍ମାଣ, ଦ୍ୱାରଶୁଣୀ ଘାଟିର ବିକଳ୍ପ ରାସ୍ତା ନିର୍ମାଣର ହିସାବ ଦେଇଥିଲେ। ତେଣୁ ନବୀନଙ୍କ ପ୍ରଗତି ଇଞ୍ଜିନ ନିର୍ବାଚନରେ ବିଜେଡି ପାଇଁ ବରଦାନ ସାଜିବ। ସେହିପରି ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦାଙ୍କ ସଂଗଠନ ରାମସେନା ଓ ଆଦିବାସୀ ସଙ୍ଗଠନ ବିଚ୍ଛିନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ମଞ୍ଚ ଦେବାଶିଷଙ୍କୁ ସମର୍ଥନ ଜଣାଇଛନ୍ତି। ଫଳରେ ପ୍ରାକ୍ତନ ସାଂସଦ ଇଂ. ହାଁସଦାଙ୍କ ପକେଟ ଭୋଟ ଓ ଆସିବାସୀଙ୍କ ଭୋଟ ଡା. ଦେବାଶିଷଙ୍କ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ; ଯାହା ସାରସକଣା ରାଜନୀତି ସମୀକରଣ ପରବର୍ତ୍ତନ କରିବ। ବିଜେପି ପ୍ରାର୍ଥୀ ଭାଦବ୍ ହାଁସଦା ଏହା ପୂର୍ବରୁ ୨୦୧୪ ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ବିଧାୟକ ହୋଇଥିଲେ। ହେଲେ ଚଳିତ ନିର୍ବାଚନ ପୂର୍ବରୁ ଭାଦବ୍ ବିଜେଡି ଛାଡି ବିଜେପିରେ ମିଶିବା ପରେ ସେ ବିଜେପିରୁ ଟିକେଟ ପାଇ ସାରସକଣା ପାଇଁ ଲଢୁଛନ୍ତି। ସାରସକଣା ଆସନର ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇ ରହିଛି। ଆସନ୍ତାକାଲି ଜଣାପଡ଼ିବ।

# ୧୦ଟି ଟେବୁଲରେ ହେବ ଗଣତି




## ପୁରୁଷଙ୍କଠାରୁ ମହିଳା ମତଦାତା ଅଧିକ

ଉଦଳା, ୩।୬(ସମିସ): ଶେଷ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ମଙ୍ଗଳବାର ଭୋଟ ଗଣତି ହେବ। ତେଣୁ କିଏ ବିଜୟୀ ହେବ ତାହା ଫଳାଫଳ କହିବ। ଚଳିତ ନିର୍ବାଚନର ଉଦଳା ଆସନ ପାଇଁ ୧୫ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ସମସ୍ତ ଭାଗ୍ୟ ଇଭିଏମରେ ସିଲ ହୋଇରହିଛି। ବିଭିନ୍ନ ରାଜନୈତିକ ଦଳରୁ ଏବଂ ୭ ଜଣ ସ୍ୱାଧୀନଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଚଳିତ ନିର୍ବାଚନରେ ୨ଲକ୍ଷ ୨ ହଜାର୮୯୦ଭୋଟର୨୪୩ ମତଦାନ ମତଦାନ ସାବ୍ୟସ୍ତ କରିଛନ୍ତି; ଯାହାକି ୭୭.୧୭ ପ୍ରତିଶତ। ଉଦଳା ବ୍ଲକର ୧୨ ଗ୍ରା.ପ. ଗୋପବନ୍ଧୁନଗର ବ୍ଲକର ୧୩ ଗ୍ରା.ପ. କପ୍ତିପଦା ବ୍ଲକର ୧୭ ଗ୍ରା.ପ. ଏବଂ ଉଦଳା ଏନ.ଏ.ସି.ର ୧୨ଟି ୱାର୍ଡ ଏହି ନିର୍ବାଚନମଣ୍ଡଳୀରେ ସାମିଲ। ୭୫ହଜାର୪୪୫ ପୁରୁଷ ଏବଂ ୮୧ହଜାର ୧୨୬ ମହିଳା ଭୋଟର ମତଦାନ କରିଛନ୍ତି। ନିର୍ବାଚନ ମଣ୍ଡଳୀର ୨୪୩ ବୁଥ ମଧ୍ୟରୁ ୮୫ ବୁଥ୍ ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ ହୋଇଥିବା ବେଳେ ୪୩ ବୁଥ୍ ଆଦର୍ଶ ସଖୀ ବୁଥ୍ ଭାବେ ବିବେଚନା କରାଯାଇଥିଲା। ବୁଥ୍ ନିକଟରେ ୧୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ତେବେ ଚଳିତ ନିର୍ବାଚନରେ ପୁରଷଙ୍କଠାରୁ ମହିଳା ଭୋଟର ଅଧିକ ମତ ସାବ୍ୟସ୍ତ କରିଛନ୍ତି। ଅପରପକ୍ଷରେ ମତଦାନ ଗଣନା ପାଇଁ ଉଦଳା କଲେଜରେ ସମସ୍ତ ପ୍ରକ୍ରିୟା ଓ ବ୍ୟବସ୍ଥା ସରିଥିବା ବେଳେ ରାତି ପାହିଲେ ଗଣତି ହେବ। ସମସ୍ତ ଇଭିଏମ କଡା ସୁରକ୍ଷା ମଧ୍ୟରେ ଅଣାଯାଇ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ୧୦ଟି ଟେବୁଲରେ ୨୫ ରାଉଣ୍ଡ ଗଣତି ହେବ ବୋଲି ସୂଚନା ମିଳିଛି।

## ୧୬ନଂ. ୱାର୍ଡରୁ ବାଇକ୍ ଚୋରି

ବାରିପଦା, ୩।୬(ସମିସ): ବାରିପଦା ଟାଉନ ଥାନା ଅଞ୍ଚଳରୁ ଗାଡି ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୁଣି ଏକ ବାଇକ ଚୋରି ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏ ନେଇ କାଳୀ ମନ୍ଦିର ୱାର୍ଡ ନମ୍ବର ୧୬ ଅଞ୍ଚଳର ପବିତ୍ର କୁମାର ଦାଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରତିଦିନ ପରି ସେ ରାତିରେ ଘର ସମ୍ମୁଖରେ ନିଜର ବାଇକ ପାର୍କିଂ କରି ରଖିଥିଲେ। ହେଲେ ପରଦିନ ଦେଖିଲା ବେଳକୁ ତାଙ୍କର ବାଇକଟି ଉକ୍ତ ସ୍ଥାନରେ ନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଗାଡି ନ ପାଇବାରୁ ରାତିରେ ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ଘରକୁ ଫେରିଲା ନିଖୋଜ ନାବାଳକ



ଠାକୁରମୁଣ୍ଡା, ୩।୬(ସମିସ): ଗତ ୨୯ ତାରିଖରୁ ନିଖୋଜ ହୋଇଯାଇଥିବା ଜଣେ ନାବାଳକ ୨ ତାରିଖରେ ନିଜ ଘରକୁ ଫେରିଛି। ନାବାଳକର ଆଈ ଠାକୁରମୁଣ୍ଡା ଥାନାକୁ ଆସି ନାତିକୁ ଥାନାରୁ ଘରକୁ ନେଇ ଫେରିଛି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡିହା ପଞ୍ଚାୟତ ହରିଡାଘୁଟୁ ଗାଁର ମଗୁଶୁରି ଚାମ୍ପିୟା (୧୬) ଗତ ୨୮ ତାରିଖରେ ନିଖୋଜ ହୋଇଯାଇଥିଲା। ଗତ ୨ ତାରିଖରେ ଠାକୁରମୁଣ୍ଡା ନିକଟସ୍ଥ ଆଖପଲାଣ ଛକ ନିକଟରୁ ଉଦ୍ଧାର କରାଯାଇଥିଲା। ନାବାଳକର ନିଖୋଜ ଖବର ନେଇ ଖବର ପ୍ରକାଶ ପାଇବାପରେ ଆଈ ଚମ୍ପାବତୀ ଦିଗି ନାତିକୁ ନେଇ ଘରକୁ ଫେରିଛି। ମଗୁଶୁରୀର ନିଜ ଘର ରରୁଆଁ ନିକଟ ଜାମୁନାଳିଆ ଗ୍ରାମରେ ବୋଲି ଜଣାପଡ଼ିଛି। ମଗୁଶୁରୀ ଜନ୍ମ ପରେ ବଡ଼ ହେବାରୁ କଥା କହି ନପାରିବାରୁ ତା ମା' ସହିତ ମୂକ ପୁଅକୁ ତଡ଼ି ଦେଇଥିଲା ବୁଧୁରାମ ଚାମ୍ପିୟା। ସେହିଦିନଠାରୁ ମା ଚନ୍ଦ୍ରିକା ଚାମ୍ପିୟା ଏବଂ ପୁଅ ମଗୁଶୁରୀ ଆଈ ପାଖରେ ରହି ଆସୁଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖୁଣ୍ଟିଂ, ୩।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଶୁକ୍ରୁଲି ବ୍ଲକ ଅନ୍ତର୍ଗତ ଘାଗି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରତାପଚନ୍ଦ୍ର ନାୟକ (୯୫)ଙ୍କ ଗତ ୧ ତାରିଖରେ ପରଲୋକ ହୋଇଯାଇଛି। ସେ ବାସଭବନରେ ଥିବାବେଳେ ହଠାତ ଗୁରୁତର ହୋଇପଡ଼ିଥିଲେ। ପରେ ପରିବାର ଲୋକେ ଡାକ୍ତରଖାନାକୁ ନେବାକୁ ପ୍ରସ୍ତୁତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ୧୯୪୮ ରୁ ୧୯୮୮ ମସିହା ଯାଏଁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ।



ଏଥିସହିତ ସେ ଜଣେ କ୍ରୀଡ଼ାପ୍ରେମୀ ଓ ପ୍ରତିଭାବାନ ଫୁଟବଲ ଖେଳାଳିଭାବେ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଅତ୍ୟନ୍ତ ଛାତ୍ରବତ୍ସଳ, ମେଳାପୀ, ମିଷ୍ଟଭାଷୀଓ ପରୋପକାରୀ ବ୍ୟକ୍ତି ଥିବାରୁ ତାଙ୍କର ପରଲୋକର ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସ୍ଥାନୀୟ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ବସନ୍ତ କୁମାର ନାୟକ ମୁଖାଗ୍ନି ଦେଇଥିଲେ।

## ରଜ ମହୋତ୍ସବ ପାଇଁ ନିର୍ଭୟା କ୍ଲବର ପ୍ରସ୍ତୁତି ବୈଠକ

● ୧୫ରେ ରାଜ୍ୟସ୍ତରୀୟ ନୃତ୍ୟ ସମାରୋହ

କରଞ୍ଜିଆ, ୩।୬(ସମିସ): କରଞ୍ଜିଆ ବ୍ଲକ ବଡଦେଉଳି ପଞ୍ଚାୟତ ଉଅଁରା ଗ୍ରାମରେ ମହିଳାଙ୍କ ଦ୍ୱାରା ଗଠିତ ନିର୍ଭୟା କ୍ଲବର ୩ୟ ବାର୍ଷିକ ରଜ ମହୋତ୍ସବ ଓ ରାଜ୍ୟସ୍ତରୀୟ ନୃତ୍ୟ କଳାକାରଙ୍କ ସମାରୋହ ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି କ୍ଷିରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସଭାପତି ଅବନ୍ତୀ ଦଳେଇ, ସମ୍ପାଦିକା ସବିତା ନାୟକ, ସଭ୍ୟା ମାନସୀ ନାୟକ, ରଞ୍ଜିତା ପଇଦା, ରୁଲି ବିଶ୍ୱାଳ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୪ ତାରିଖରେ ରଜ ମହୋତ୍ସବ ର ଉଦ୍‌ଘାଟନୀ ଉତ୍ସବ ଉଦ୍‌ଘାଟିତ ହେବ। ଏଥିରେ ଏକକ ନୃତ୍ୟ, ଦଳଗତ ନୃତ୍ୟ ପ୍ରତିଯୋଗିତା, ଝୋଟି, ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ୧୫ତାରିଖରେ ରାଜ୍ୟସ୍ତରୀୟ ନୃତ୍ୟ ସମାରୋହ ଓ ସମ୍ବର୍ଦ୍ଧନା ସଭା ଆୟୋଜନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। କଳାବିକାଶ କେନ୍ଦ୍ରର ନୃତ୍ୟ ସମାରୋହର ଆୟୋଜନ, କୁଇଜ ପ୍ରତିଯୋଗିତା, 'ମୁଁ କାହିଁକି ଶିକ୍ଷିତ ହେବି' ଏକ ସୁସ୍ଥ ସମାଜ ଗଠନରେ ଆମର ଭୂମିକା ସମ୍ପର୍କରେ ଏକ ବିତର୍କ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ରଜ ସଙ୍ଗୀତ, ରଜ କୁଇଜ ସାଧାରଣ ଜ୍ଞାନ ପ୍ରତିଯୋଗିତା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ବୋଲି ସଭାପତି କ୍ଷିରମଣି ନାୟକ ସୂଚନା ଦେଇଛନ୍ତି।

# ପୁନରୁଦ୍ଧାର ହେଉନି; ଆବର୍ଜନା କୁଣ୍ଡ ପାଲଟିଛି ଝରମାତା ପୋଖରୀ

## ବଦଳୁନି ମାନସିକତା; ବ୍ୟବହାରଯୋଗ୍ୟ ହେଉନି ପାଣି



ବାଙ୍ଗିରିପୋଷି, ୩।୬(ସମିସ)

ବହୁ ପୁରାତନ ପୋଖରୀ ଏବେ ଆବର୍ଜନା କୁଣ୍ଡ ପାଲଟିଛି। ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ସ୍ଥାନରେ ଥିବା ବନ୍ଧ, ପୋଖରୀଗୁଡିକ ପ୍ରତିବର୍ଷ ପୁନରୁଦ୍ଧାର କରାଯାଇ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ବିଶେଷକରି ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ସ୍ଥାନରେ ପ୍ରଶାସନ ତରଫରୁ ଏହି ବ୍ୟବସ୍ଥା କରାଯାଇଛି; କିନ୍ତୁ ପୁନରୁଦ୍ଧାର ହେବାର ମାତ୍ର କିଛି ଦିନ ପରେ ପୁଣି ପୋଖରୀଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଉଛି। ଫଳରେ ପୋଖରୀଗୁଡିକ ଦୂଷିତ ହେବା ହୋଇଯାଇଛି। ପୁନରୁଦ୍ଧାର ପାଇଁ ଖର୍ଚ୍ଚ ହୋଇଥିବା ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି। ଜନସାଧାରଣଙ୍କ ସଚେତନତା ଅଭାବରୁ ସରକାରୀ ଅର୍ଥ ବିନା କାରଣରେ କାମରେ ଲାଗୁନାହିଁ। 'ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡା କାଠ' ନୀତିରେ ଏବେ ବି ରହିଛି ଲୋକଙ୍କ ମାନସିକତା। ଏହାର ଏକ ଉଦାହରଣ ଦେଖିବାକୁ ମିଳୁଛି ବାଙ୍ଗିରିପୋଷି ବଜାର ଅଞ୍ଚଳରେ। ତହସିଲ କାର୍ଯ୍ୟାଳୟ ନିକଟ ଝରମାତା ବନ୍ଧର ପୁନରୁଦ୍ଧାର କାର୍ଯ୍ୟ ପ୍ରତ୍ୟେକ ବର୍ଷ ନାମକୁମାତ୍ର ହୋଇଥାଏ। ଏବେ ଦେଖିଲେ ଜଣାପଡ଼ିବ ଯେ କେତେ ବର୍ଷ ହେଲା ଯେପରି ପୋଖରୀଟିକୁ ଅଣଦେଖା କରାଯାଉଛି। କିଛି ଶିକ୍ଷିତ ଜନସାଧାରଣ ମନଇଚ୍ଛା ଅପରିଷ୍କାର ସାମଗ୍ରୀ ସମେତ ଅଳିଆ-ଆବର୍ଜନା ସବୁ ପୋଖରୀ ଭିତରେ ପକାଉଛନ୍ତି। ଫଳରେ ପୋଖରୀରେ ସେଗୁଡିକ ପଚି ଦୁର୍ଗନ୍ଧ ବାହାରୁଛି। ଏଠାରେ ମୂର୍ତ୍ତି ବିସର୍ଜନ ପାଇଁ ଏକମାତ୍ର ପୋଖରୀ ରହିଛି। ଫଳରେ ଦୀର୍ଘ ସମୟ ଧରି ତାହା ପାଣି ଭିତରେ ପଡ଼ି ରହୁଥିବାରୁ ପାଣି ଅପରିଷ୍କାର ହେଉଛି। ଯଦି ପ୍ରଶାସନ ମୂର୍ତ୍ତି ବିସର୍ଜନ ପରେ ତୁରନ୍ତ ସେଗୁଡିକୁ ଉଠାଇବାର ବ୍ୟବସ୍ଥା କରିବା ସହିତ ଏହି ଅସୁବିଧାକୁ ଆଖିରେ ରଖି ପୂଜା ତଥା ବିଭିନ୍ନ ପର୍ବପର୍ବାଣି ପାଇଁ ଏକ କୃତ୍ରିମ ଜଳାଶୟ ନିର୍ମାଣ କରାଯାଏ ତେବେ ପୋଖରୀଟି ଦୂଷିତ ନ ହୋଇ କାମରେ ଲାଗିପାରନ୍ତା। ତେଣୁ ଏ ନେଇ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଉଛି।

# ଆଜି ୩ ସ୍ଥାନରେ ସକାଳ ୮ ରୁ ଭୋଟ ଗଣତି

କେନ୍ଦୁଝର,୩ା୬(ସମିସ)



କେନ୍ଦୁଝର ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହେବା ପରେ ଶୃଙ୍ଖଳିତ ଓ ତ୍ରୁଟିଶୂନ୍ୟ ଭୋଟ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ଓ ରାଜ୍ୟ ପୁଲିସଙ୍କ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସନ୍ତା ୪ ତାରିଖରେ ଜିଲ୍ଲାର ତିନୋଟି ସ୍ଥାନରେ ଥିବା ୬ ଗୋଟି ଗଣତି କେନ୍ଦ୍ରରେ ଭୋଟ ଗଣତି ହେବ। ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ଚନ୍ଦ୍ରଶେଖର ମହାବିଦ୍ୟାଳୟ ଚମ୍ପୁଆଠାରେ ହେବାକୁ ଥିବା ବେଳେ, କେନ୍ଦୁଝର ଓ ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟଠାରେ ଏବଂ ଆନନ୍ଦପୁର ଓ ଘସିପୁରା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବା ଲାଗି ସ୍ଥିର କରାଯାଇଛି। ଏଥିସହିତ ଏହି ସବୁ ଗଣତି କେନ୍ଦ୍ରରେ ବିଧାନସଭା ସହିତ କେନ୍ଦୁଝର ସଂସଦୀୟ କ୍ଷେତ୍ର ଲାଗି ମଧ୍ୟ ସମାନ୍ତରାଳ ଭାବେ ଭୋଟ ଗଣତି ହେବ। ଭୋଟ ଗଣତି ନିମନ୍ତେ କେବଳ ଆନନ୍ଦପୁରରେ ୧୨ ଟେବୁଲ ଓ କେନ୍ଦୁଝର ଜିଲ୍ଲାର ଅନ୍ୟ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪ଟି ଲେଖାଏଁ ଟେବୁଲ ବ୍ୟବସ୍ଥା ହୋଇଛି। ସେହିପରି କେନ୍ଦୁଝର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ୧୪ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ସମୁଦାୟ ୯୬ ଗୋଟି ଇଭିଏମ ଟେବୁଲର ବ୍ୟବସ୍ଥା କରାଯାଇଛି। ଆହୁରି ମଧ୍ୟ ସମସ୍ତ ପୋଷ୍ଟାଲ ବାଲାଟ୍ ଗଣତି ପାଇଁ ସମସ୍ତ ଗଣତି କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଢଙ୍ଗରେ ଭୋଟ ଗଣତି ନିମନ୍ତେ ସମୁଦାୟ ନିଯୁକ୍ତ ୭୫୯ କର୍ମଚାରୀଙ୍କ ମଧ୍ୟରୁ ୨୪୦ ମାଇକ୍ରୋ ଅବଜରଭର, ୨୪୦ କାଉଣ୍ଟିଂ ସୁପରଭାଇଜର ଏବଂ ୨୭୯ କାଉଣ୍ଟିଂ ଆସିଷ୍ଟାଣ୍ଟଙ୍କୁ ସର୍ବୋତ୍କୃଷ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ୪ ଜଣ ପର୍ଯ୍ୟବେକ୍ଷକ ଇତିମଧ୍ୟରେ ଭୋଟ ଗଣତିର ନିରୀକ୍ଷଣ କରୁଛନ୍ତି।

ଉଭୟ କେନ୍ଦୁଝର ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ ଗଣତି ପାଇଁ ତେଲକୋଇ ଲାଗି ୨୩ ରାଉଣ୍ଡ, ଘସିପୁରା ପାଇଁ ୨୨ ରାଉଣ୍ଡ, ଆନନ୍ଦପୁର ପାଇଁ ୨୫ ରାଉଣ୍ଡ, ପାଟଣା ପାଇଁ ୨୦ ରାଉଣ୍ଡ, କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୧ ରାଉଣ୍ଡ, ଚମ୍ପୁଆ ପାଇଁ ୧୯ ରାଉଣ୍ଡ ଓ କରଞ୍ଜିଆ ଲାଗି ୧୮ ରାଉଣ୍ଡ ଭୋଟ ଗଣତି କରାଯିବା ପାଇଁ ସ୍ଥିର କରାଯାଇଛି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗଣତି ସମ୍ବନ୍ଧିତ ସୂଚନା ପ୍ରଦାନ କରିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଭୋଟ ଗଣତି କେନ୍ଦ୍ରକୁ ମୋବାଇଲ ସମ୍ପୂର୍ଣ୍ଣ ବାରଣ ଥିବା ଜିଲ୍ଲାପାଳ କହିଛନ୍ତି।

- ପ୍ରଥମେ ପୋଷ୍ଟାଲ ବାଲାଟ୍ ପରେ ଇଭିଏମ୍
- ଗଣତି କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା
- କେନ୍ଦ୍ରକୁ କେହି ନେଇ ପାରିବେନି ମୋବାଇଲ

## ଭୋଟଗଣତି ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା



ଚମ୍ପୁଆ,୩ା୬(ସମିସ): ଚଳିତ ସାଧାରଣ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରାର୍ଥୀମାନଙ୍କର ଭାଗ୍ୟ ବର୍ତ୍ତମାନ ଇଭିଏମ୍ ଭିତରେ ସୀମିତ ରହିଥିବା ବେଳେ ଆଜି ଭୋଟ ଗଣତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳିର ଭୋଟ ଗଣତି ସ୍ଥାନୀୟ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଡିସନାଲ ପୁଲିସ ସୁପରିଟେଣ୍ଡେଣ୍ଟ ଅଲଟୋ କୁଜୁରଙ୍କ ନେତୃତ୍ୱରେ ୧୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ୨ ଜଣ ଡିଏସ୍‌ପି, ଇନ୍ସପେକ୍ଟର, ସବଇନ୍ସପେକ୍ଟର ସହିତ କେନ୍ଦ୍ରୀୟ ସୁରକ୍ଷା ବଳଙ୍କୁ ନିୟୋଜିତ କରାଯାଇଛି। ଭୋଟ ଗଣତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଭୋଟ ଗଣତି ସମୟରେ ଯେପରି କୌଣସି ବିଶୃଙ୍ଖଳିତ ପରିସ୍ଥିତି ନ ଉପୁଜେ ସେଥିପ୍ରତି ପୁଲିସ ପକ୍ଷରୁ କଡା କଡି ପଦକ୍ଷେପ ନିଆଯାଇଛି। ଏ ନେଇ ସୋମବାର ଅପରାହ୍ନରେ ପୁଲିସ ପକ୍ଷରୁ ସମୀକ୍ଷା କରାଯାଇଥିଲା।

## ଗଣତି କେନ୍ଦ୍ରରେ ୧୪୪ ଧାରା ବଳବତ୍ତର



ଆନନ୍ଦପୁର,୩ା୬(ସମିସ): ଆଜି ହେବାକୁ ଥିବା ଭୋଟ ଗଣତି ପାଇଁ ଗଣତି କେନ୍ଦ୍ରରେ ୪ ଥାକିଆ ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗଣତି କେନ୍ଦ୍ରକୁ ମୋବାଇଲ ଫୋନ ନିଷେଧ କରାଯାଇଥିବା ବେଳେ ୧୪୪ ଧାରାକୁ ବଳବତ୍ତର କରାଯାଇଛି। ଗଣତି କେନ୍ଦ୍ରର ଚତୁଃପାଶ୍ୱର୍ ୧୦୦ ମିଟର ପରିଧିକୁ ନିଷେଧାଞ୍ଚଳ ଭାବେ ଘୋଷଣା କରାଯାଇ ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିବା ଜଣାଯାଇଛି। ଆନନ୍ଦପୁରର ଶାଳପଡ଼ାସ୍ଥିତ କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଆନନ୍ଦପୁର ଓ ଘସିପୁରା ବିଧାନସଭା କ୍ଷେତ୍ରର ଭୋଟଗଣତି ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିବା ପରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଗଣତିକେନ୍ଦ୍ରର ସୁରକ୍ଷା ବ୍ୟବସ୍ଥାକୁ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ତାଗଡୁ ଅନୁଧାନ କରିଥିବା ଜଣାଯାଇଛି। ଭୋଟଗଣତି ଓ ଗଣତି ପରେ ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଶୃଙ୍ଖଳା ବଜାୟ ରଖିବା ପାଇଁ ୩ ପ୍ଲାଟୁନ ଓଏପିଏଫ୍ ଯବାନ, ୩ ପ୍ଲାଟୁନ ଓଏସ୍‌ଏପି ଏବଂ ୩ ପ୍ଲାଟୁନ ଡିଷ୍ଟ୍ରିକ ଫୋର୍ସ ନିୟୋଜିତ କରାଯାଇଥିବା ବେଳେ ପୁଲିସ ବାହିନୀକୁ ପରିଚାଳନା କରିବା ପାଇଁ ୭୦ ଜଣ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଓ ଘଟଗାଁ ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ ଗଣତି ଶେଷ ଯାଏଁ ପୁଲିସ ବାହିନୀର କାର୍ଯ୍ୟକଳାପ ତଦାରଖ କରିବେ ବୋଲି ଜଣାଯାଇଛି। ୪ ତାରିଖ ସକାଳ ୬ ଘଟିକାରୁ ୫ ତାରିଖ ସକାଳ ୬ ଘଟିକା ପର୍ଯ୍ୟନ୍ତ ସମସ୍ତ ପୁଲିସ ବାହିନୀକୁ ୨୪ ଘଣ୍ଟିଆ ଡ୍ୟୁଟିରେ ଲଗାଯାଇଥିବା ଜଣାଯାଇଛି। ଆନନ୍ଦପୁର ବିଧାନସଭା କ୍ଷେତ୍ରର ୨୯୧ ବୁଥ୍‌ରେ ୧ଲକ୍ଷ ୮୧ ହଜାର ୨୩ ଜଣ ଓ ଘସିପୁରା ବିଧାନସଭା କ୍ଷେତ୍ରର ୩୦୦ ବୁଥ୍‌ରେ ୧ ଲକ୍ଷ ୮୭ ହଜାର ୩୦୦ ଜଣ ମତଦାନ କରିଥିବା ବେଳେ ଆଜି ପ୍ରାର୍ଥୀମାନଙ୍କ ଭାଗ୍ୟପରୀକ୍ଷା ହେଉଥିବାରୁ ବିଭିନ୍ନ ଦଳର କର୍ମୀଙ୍କ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ଏବଂ ଅତିରିକ୍ତ ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କୁ ନିର୍ବାଚନ କାର୍ଯ୍ୟରେ ସହକାରୀ ଜିଲାପାଳ ସୁଶ୍ରୀ ବନଜା ପାତ୍ର, ଡେପୁଟି କଲେକ୍ଟର ଅଭିପ୍ସା ମହାନ୍ତି, ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭଳ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ବିଡିଓ ମାନସ ରଂଜନ ସାମଲଙ୍କ ସମେତ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଭୋଟଗଣତି କେନ୍ଦ୍ରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରୁଥିବା ଜଣାଯାଇଛି।

## ଅଟୋରୁ ପଡ଼ି ଯୁବକ ମୃତ

ତେଲକୋଇ,୩ା୬(ସମିସ): ତେଲକୋଇ କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତାର କାଞ୍ଜିପାଣି ଘାଟିରେ ଅଟୋରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଶିବନାରାୟଣପୁର ଗୋଡା ଗ୍ରାମର ମାନ ମୁଣ୍ଡାଙ୍କ ପୁଅ ସୁରେନ୍ଦ୍ର ମୁଣ୍ଡା (୨୦)। ତେବେ ସୂଚନା ମୁତାବକ ସୁରେନ୍ଦ୍ର ଏକ ଅଟୋ ଯୋଗେ କେନ୍ଦୁଝରରୁ ତେଲକୋଇ ଅଭିମୁଖେ ଫେରୁଥିବା ବେଳେ କାଞ୍ଜିପାଣି ଘାଟି ରାସ୍ତାର ବୁଲାଣିରେ ଅଟୋ ଭିତରୁ ବାହାରକୁ ଖସି ପଡ଼ିଥିଲେ। ଅଟୋ ଚାଳକ ଓ ସାଙ୍ଗରେ ଥିବା ଅନ୍ୟ ଲୋକ ସେଠାରୁ ଉଦ୍ଧାର କରି କିଛି ବାଟ ଆସିବା ପରେ ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସାଧୀନ ସମୟରେ ମୃତ୍ୟୁ ଘଟିଥିଲା। ଖବର ପାଇ କାଞ୍ଜିପାଣି ଥାନା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ



ଯୋଡା,୩ା୬(ସମିସ): ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଅସେଇଁକଳା - ପୁରୁଷୋତ୍ତମପୁର ରାସ୍ତାର ଦଣ୍ଡାଗୁଟୁ ଠାରେ ଥିବା ଏକ ଗଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ଅକାଳ ମୃତ୍ୟୁ ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଇକ୍ ଆରୋହୀ କୁଟୁଗାଁ ଅଞ୍ଚଳର ଖନିତ୍ର ନାଏକ (୨୭) ନୂଆ ମୁଣ୍ଡି ସ୍ଥିତ ଟାଟା ଷ୍ଟିଲ କମ୍ପାନୀ ଖଣିରେ କାର୍ଯ୍ୟ କରନ୍ତି। ରବିବାର ରାତି ପ୍ରାୟ ୯.୩୦ ମିନିଟ ସମୟରେ ସେ ବାଇକ୍ ନଂ. ଓଡି୦୯ ଏଏ ୭୮୬୩ ଯୋଗେ ନୂଆଁମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ଅସେଇଁକଳା - ପୁରୁଷୋତ୍ତମପୁର ରାସ୍ତାର ଦଣ୍ଡା ଗୁଟୁ କଡ଼ରେ ଏହି ଦୁର୍ଘଟଣା ଘଟିଛି। ତାଙ୍କୁ ସ୍ଥାନୀୟ ଲୋକେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ବିଲେଇପଦା ପୁଲିସ ଏକ ମାମଲା ନଂ. ୧୯୮/୨୪ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଆନନ୍ଦପୁର ବ୍ରାହ୍ମଣ ମହାସଭାର ନୂତନ କର୍ମକର୍ତ୍ତା



ଆନନ୍ଦପୁର,୩ା୬(ସମିସ): ଆନନ୍ଦପୁରର ଆରାଧ୍ୟଦେବତା ଶ୍ରୀଶ୍ରୀ ଦଧିବାମନଜିଉ ମନ୍ଦିରରେ ଆନନ୍ଦପୁର ଉପଖଣ୍ଡସ୍ତରୀୟ ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ମହାସଭାର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ମଣ୍ଡଳୀରେ ଟୁକୁଣା ଶାସନର ଚିତ୍ତରଞ୍ଜନ ଦାଶ, ବିଜୟ ମିଶ୍ର, ଭରତ ଚନ୍ଦ୍ର ଦାଶ, ଶାଳପଡାର ନିର୍ମଳ ମିଶ୍ର ଓ ଆନନ୍ଦପୁରର ଶରତ ଚନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ସର୍ବସମ୍ମତି କ୍ରମେ ଟୁକୁଣା ଶାସନର ପୁରୁଷୋତ୍ତମ ମିଶ୍ରଙ୍କୁ ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଶିକ୍ଷାବିତ ଶାନ୍ତନୁ କୁମାର ମିଶ୍ର, ଉପସଭାପତି ଭାବେ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ପରୁଷୋତ୍ତମ ମିଶ୍ର, ସାଧାରଣ ସମ୍ପାଦକ ଭାବେ ଦେବେନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ବୃନ୍ଦାବନ ଷଡଙ୍ଗୀ, ସହସମ୍ପାଦକ ଭାବେ ଭାଗୀରଥି ଦାଶ (ଜନାର୍ଦ୍ଦନପୁର ଶାସନ), ଲକ୍ଷ୍ମଣ ଦାଶ (ସାଇଁକୁଳ) ଓ କୋଷାଧ୍ୟକ୍ଷ ଭାବେ ଶିକ୍ଷାବିତ ଗଗନ ଭଟାଚାର୍ଯ୍ୟ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିକୁ ହରିହର ପାଢୀ, ହଳଧର ପଣ୍ଡା, ବୁଧଦେବ ପଣ୍ଡା, ସୋମନାଥ ପତି, ଜଗମୋହନ ମିଶ୍ର, ଶ୍ରୀହର୍ଷ ଶତପଥୀ, ବେଲାଳସେନ ପତି, ମଧୁସୂଦନ ମିଶ୍ର, ଦାଶରଥି ପଣ୍ଡା, ସନ୍ତୋଷ ଦାଶ, ଦୟାନିଧି ମିଶ୍ର ପ୍ରମୁଖ ମନୋନୀତ ହୋଇଥିବା ଜଣାଯାଇଛି। ସଂଘର ସଂଯୋଜକ ଭାବେ ସାମ୍ବାଦିକ ମଦନ ପାଣି, ମଦନ ମୋହନ ମିଶ୍ର ଓ ମାନସ ରଞ୍ଜନ ହୋତାଙ୍କୁ ମନୋନୀତ କରାଯାଇଛି। ଏହି ସଭାରେ ଅନ୍ୟତମ ସଦସ୍ୟ ସୁଶୀଲ କୁମାର ହୋତା, ଜଗବନ୍ଧୁ ପତି, ଭରତ ଚନ୍ଦ୍ର ଦାଶ, ନରହରି ମିଶ୍ର, ବେଲାଳସେନ ପତି, ପ୍ରଫୁଲ୍ଲ କୁମାର ପଣ୍ଡା, ପଦ୍ମନାଭ ମିଶ୍ର, ଦାଶରଥି ପଣ୍ଡା, ଯଶବନ୍ତ କର, ମଦନମୋହନ ଶା, ଆନନ୍ଦଚନ୍ଦ୍ର ପାଢୀ, କେଦାରନାଥ ରଥ, ରବିନାରାୟଣ ହୋତା, ଶଶୀଭୂଷଣ ମହାପାତ୍ର, ସନ୍ତୋଷ କୁମାର ଦାଶ, ପ୍ରଦୀପ କୁମାର ମିଶ୍ର, ଅଜୟ କୁମାର ହୋତା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ନେହାଶିଷ ପଣ୍ଡା, ପ୍ରତ୍ୟୁଷ ରଞ୍ଜନ ମିଶ୍ର, ସୁଜିତ ଚାନ୍ଦ, ଶିବପ୍ରସାଦ ପଣ୍ଡା, ଶ୍ରୀଧର ମିଶ୍ର, ବାପୁ ପାଢୀ, ଅଙ୍କିତ ମିଶ୍ର, ସୁଦାମ ଚରଣ ମଙ୍ଗଳ, ଜୟକୃଷ୍ଣ ସାହୁ, ବାବୁନା ମହାପାତ୍ର, କିଶୋର ମିଶ୍ର, ବ୍ରହ୍ମାନନ୍ଦ ମିଶ୍ର, ସୁରେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା



ଯୋଡା,୩ା୬(ସମିସ): ଯୋଡା ଥାନା ଅନ୍ତର୍ଗତ ନେପାଳୀ ହଟିଂ ଠାରେ ପାରିବାରିକ କଳହରୁ ଜଣେ ଯୁବକ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ହଟିଂରେ ରହୁଥିବା ସନ୍ତୋଷ ମୁଖାର୍ଜୀ (୩୪) ନାମକ ଯୁବକ ପରିବାର ସଦସ୍ୟଙ୍କ ସହିତ କୌଣସି କାରଣରୁ କଳହ କରି ରାତ୍ରି ସମୟରେ ଘରେ ଥିବା ଫ୍ୟାନରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ସେ ଘରୁ ନବାହାରିବାରୁ ପରିବାର ଲୋକେ ସନ୍ଦେହ କରି ଘର କବାଟ ଭାଙ୍ଗିବାରୁ ସନ୍ତୋଷ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିବା ସୂଚନା ମିଳିଛି। ଏନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୨୧/୨୪ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡିଛି।

## ମହିଳାଙ୍କ ଆତ୍ମହତ୍ୟା

ତେଲକୋଇ, ୩ା୬ (ସମିସ): ତେଲକୋଇ ଥାନା ସଲେଇକେନା ଗ୍ରାମରେ ଜଣେ ମହିଳା ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ମୃତକ ହେଲେ କୁଶଧର ନାଏକଙ୍କ ପତ୍ନୀ ଯମୁନା ନାଏକ (୩୫)। ପାରିବାରିକ କଳହ ଯୋଗୁଁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ତାଙ୍କ ଭଉଣୀ ବିଜୁଳି ନାଏକ ତେଲକୋଇ ଥାନାରେ ଏକ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ତେଲକୋଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଫାଇଲେରିଆ ନିରାକରଣ କର୍ମଶାଳା



ଆନନ୍ଦପୁର,୩ା୬(ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ସଭାଗୃହରେ ଆଜି ଏକ ଦିନିକିଆ ଫାଇଲେରିଆ ନିରାକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସାଳୟର ସୁପରିଟେଣ୍ଡ ଡାକ୍ତର ଧନେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବେନ ଦାଶ ଯୋଗ ଦେଇ କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆସନ୍ତା ଅଗଷ୍ଟ ୧୦ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମରେ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରି ନିରାକରଣ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଆଜିର ଏହି କର୍ମଶାଳାରେ ଆନନ୍ଦପୁର, ଫକୀରପୁର, ହାଟଡିହି, ଶାଳଣିଆଁ, ସାଇଁକୁଳ, କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ ଫାର୍ମାସିଷ୍ଟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ପରିଚାଳକ ଅଭିନାଶ ଧଳ ପରିଚାଳନା କରିଥିଲେ।

## ଆନନ୍ଦପୁର ଡାକ୍ତରଖାନାରେ ଅବ୍ୟବସ୍ଥା

# ଭଙ୍ଗା ଚେୟାରରେ ରୋଗୀ ସମ୍ପର୍କୀୟ

ଆନନ୍ଦପୁର,୩ା୬(ସମିସ)



ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା କିଛି ନା କିଛି ଘଟଣାକୁ ନେଇ ସଦାସର୍ବଦା ଚର୍ଚ୍ଚାରେ ରହି ଆସିଥିବା ବେଳେ ଆଜି ଡାକ୍ତରଖାନାରେ ରଖାଯାଇଥିବା ଭଙ୍ଗା ଚେୟାରରେ ରୋଗୀ ସମ୍ପର୍କୀୟମାନେ ବସିରହି ଅପେକ୍ଷା କରିବା ଚିତ୍ର କର୍ତ୍ତୃପକ୍ଷଙ୍କ ନଜର ପଡୁନଥିବା ଚିନ୍ତାର କାରଣ ହୋଇଛି। କେନ୍ଦୁଝର ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ବ୍ୟୟରେ ଏହି ଡାକ୍ତରଖାନାର ରୂପାନ୍ତରଣ କାର୍ଯ୍ୟ ଚାଲିଥିବା ବେଳେ ରୋଗୀ ଓ ରୋଗୀ ସମ୍ପର୍କୀୟ ଏଠାରେ ଅସୁରକ୍ଷିତ ମଣୁଛନ୍ତି। କେତେବେଳେ ରୋଗୀ ଚିକିତ୍ସା ନପାଇ ବିପଦରେ ପଡୁଥିବା ବେଳେ ପୁଣି କେତେବେଳେ ରୋଗୀ ସମ୍ପର୍କୀୟ ନିରୁପାୟ ହୋଇ ବିପଦର ସମ୍ମୁଖୀନ ହେଉଥିବା ଆଜିର ଘଟଣାରୁ ସ୍ପଷ୍ଟ ହୋଇଛି। ଉପଖଣ୍ଡ ଚିକିତ୍ସାଳୟର ମା' ଓ ଶିଶୁ ଚିକିତ୍ସା ବିଭାଗରେ ରୋଗୀ ଓ ରୋଗୀ ସମ୍ପର୍କୀୟ ମାନଙ୍କ ପାଇଁ ରଖାଯାଇଥିବା ଷ୍ଟିଲ ଚେୟାର ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ଏହାର ମରାମତି କରାଯାଉନଥିବା କିମ୍ବା ରୋଗୀ ସମ୍ପର୍କୀୟ ମାନଙ୍କ ଅପେକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଉନଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଉଛି। ଡାକ୍ତରଖାନାର ସୁପରିଚାଳନା ପାଇଁ ଜଣେ ମେଡିକାଲ ମ୍ୟାନେଜର ନିୟୋଜିତ ହୋଇଥିଲେ ମଧ୍ୟ ବାରମ୍ବାର ପରିଚାଳନା ଗତ ତ୍ରୁଟି ହେଉଥିବା ନଜିର ରହିଛି। ବର୍ଷତମାମ୍ ଡାକ୍ତରଖାନା ପରିସରରେ ରକ୍ଷଣାବେକ୍ଷଣ ମରାମତି, ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଏଭଳି ଅବ୍ୟବସ୍ଥା ଦୃଷ୍ଟିଗୋଚର ହେଉନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ବହୁ ସମୟରେ ଲିଫ୍ଟ ମେସିନ ଅଚଳ, ବିଦ୍ୟୁତ ସରବରାହ ସମୟରେ ବିଳମ୍ବଜନିତ ଜେନେରେଟର ସେବା, ଡାକ୍ତରଖାନା ପରିସରରେ ଆର୍ଥିଂ ନଷ୍ଟ ଯୋଗୁ ବିପଦ୍‌ଜନକ ବିଦ୍ୟୁତ ବ୍ୟବସ୍ଥା ଭଳି ଅନେକ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବାରୁ ପରିଚାଳନାଗତ ତ୍ରୁଟି ଏହାର କାରଣ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏଣୁ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ବ୍ୟସ୍ତବହୁଳ ଆନନ୍ଦପୁର ଡାକ୍ତରଖାନାରେ ରୋଗୀଙ୍କ ଜୀବନ ମରଣ ସମସ୍ୟା ଉପୁଜିଥିବାରୁ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

### ଭୁଲ କାହାର, ଅସୁବିଧା ଭୋଗୁଛି କିଏ

# ଅକାମୀ ହୋଇ ପଡ଼ିଛି ଅରଡ଼େଇ ପୋଲ





- ୫ ବର୍ଷ ତଳୁ ନିର୍ମାଣ ସରିଲାଣି
- ନିର୍ମାଣ ହେଉନି ସଂଯୋଗୀକରଣ

**କେନ୍ଦୁଝର, ୩।୬(ସମିସ)**

ଦୀର୍ଘ ୫ ବର୍ଷ ତଳୁ ନିର୍ମାଣ ସରିଲାଣି ପୋଲ। କିନ୍ତୁ ପୋଲକୁ ନିର୍ମାଣ ହେଉନି ସଂଯୋଗୀକରଣ ରାସ୍ତା। ଫଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସେତୁ ଏବେ ଅକାମୀ ହୋଇପଡ଼ିଛି।

କେନ୍ଦୁଝର-ବୋଦାପଳସା ରାସ୍ତାର ଅରଡ଼େଇ ପୋଲ କାମ କେବେଠାରୁ ସରିଥିଲେ ମଧ୍ୟ ପୋଲଟି ଭୁଲ ସ୍ଥାନରେ ହୋଇ ରାସ୍ତା ସଂଯୋଗ ନଥିବାରୁ ଲୋକେ ହଇରାଣ ହେବା ସାର ହେଉଛି। କିଛି ଅଧିକାରୀଙ୍କ ଭୁଲ ପାଇଁ ସାଧାରଣ ଲୋକ ଅସୁବିଧା ଭୋଗୁଛନ୍ତି। ଆଉ କେତେଦିନ ଗଲେ ଏହି ପୋଲଟି ବ୍ୟବହାର ଉପଯୋଗୀ ହେବ ଲୋକେ ପ୍ରଶ୍ନ କରୁଥିବା ବେଳେ ପୂର୍ତ୍ତ ବିଭାଗର ଖାମଖିଆଲି ନୀତି ଯୋଗୁଁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି।

କେନ୍ଦୁଝର ସଦର ମହକୁମାର କଚେରୀ ଛକଠାରୁ ବୋଦାପଳସା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଅରଡ଼େଇ ନଦୀ ଉପରେ ପୋଲ ସରିବା ୫ ବର୍ଷ ବିତିଲାଣି। କିନ୍ତୁ ପୋଲ କାମରେ ନଲାଗିବା ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୋଲଟିର କାମ ସରିଥିଲେ ମଧ୍ୟ ସଂଯୋଗୀକରଣ କାମ ନ ସରିବା ପୂର୍ତ୍ତ ବିଭାଗର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ ଯେ, କେନ୍ଦୁଝର-ବୋଦାପଳସା ରାସ୍ତାର ଅରଡ଼େଇ ନଦୀ ଉପରେ ପୋଲ ନିର୍ମାଣ ପାଇଁ ୬କୋଟି ୫୮ ଲକ୍ଷ ୭୦ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ପୋଲ କାମ ୨୦୧୬ ମସିହା ଅକ୍ଟୋବର ୭ରେ ଆରମ୍ଭ ହୋଇ ୨୦୧୮ ମସିହା ଜାନୁଆରୀ ୬ରେ ସରିବାର ଚୁକ୍ତି ହୋଇଥିଲା। ବିଭିନ୍ନ କାରଣରୁ ପୋଲକାମ ସରିବାକୁ ବିଳମ୍ବ ହୋଇ ଅନେକ ବର୍ଷ ହେବ ପୋଲଟି ସରିଛି। ଉକ୍ତ ରାସ୍ତା ଉପରେ ବୋଦାପଳସା, ବାଉରୀପଦା, ଶଙ୍କିରି, ଗୋବର୍ଦ୍ଧନ, ହାଣ୍ଡିଭଙ୍ଗା ପଞ୍ଚାୟତର ୫୦ରୁ ଅଧିକ ଗାଁର ଲୋକେ ଯାତାୟତ କରିଥାନ୍ତି। ବର୍ଷାଦିନେ ଏଠାରେ ନିଚ୍ଛା ପୋଲ ଥିବା କାରଣରୁ ଯାତାୟାତରେ ବାଧକ ସୃଷ୍ଟି ହୋଇଥାଏ। ଅନେକ ସମୟରେ ନିଚ୍ଛାପୋଲରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇସାରିଛି। ଏହି ସମସ୍ୟାକୁ ଆଖି ଆଗରେ ରଖି ସରକାରଙ୍କ ତରଫରୁ ସେଠାରେ ଉଚ୍ଚତଳ ବିଶିଷ୍ଟ ପୋଲ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ପୋଲଟି ଏବେ ପର୍ଯ୍ୟନ୍ତ ବ୍ୟବହାର କରାଯାଇନପାରିବାରୁ ଉପରୋକ୍ତ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଯାତାୟାତରେ ହଇରାଣ ହେଉଛନ୍ତି। ପୋଲ କାମ ସରିଥିଲେ ମଧ୍ୟ ସଂଯୋଗୀକରଣ କାମର ଅଗ୍ରଗତି ହୋଇପାରୁନାହିଁ। କାରଣ ପୋଲଟିର ସଂଯୋଗୀକରଣ ହେବାକୁ ଥିବା ରାସ୍ତାରେ ଘରୋଇ ଜମି ରହିଥିବାରୁ ଏଭଳି ସମସ୍ୟା ହେଉଥିବା କୁହାଯାଉଛି। ଯଦି ପୋଲକୁ ସଂଯୋଗୀକରଣ ରାସ୍ତାରେ ଘରୋଇଜମି ପଡୁଥିଲା ତା'ହେଲେ ପୋଲର ଡିଜାଇନ ବଦଳିଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ଖାମଖିଆଲି ଭାବେ ପୋଲଟିକୁ ନିର୍ମାଣ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏଥିପାଇଁ ଦାୟୀ ନା ଆଉ କିଏ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ କାହିଁକି। ସରକାର ଲୋକଙ୍କର ସୁବିଧା ପାଇଁ ପଇସା ଦେଲେ। କିନ୍ତୁ ବିଭାଗୀୟ ଉଦାସୀନତା କାରଣରୁ କୋଟିକୋଟି ଟଙ୍କ ବ୍ୟୟରେ ୫ ବର୍ଷ ତଳୁ ତିଆରି ହୋଇସାରିଥିବା ପୋଲଟି ଲୋକଙ୍କ ବ୍ୟବହାରରେ ନ ଆସିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଉ ମାସକ ପରେ ବର୍ଷା ଋତୁ ଆରମ୍ଭ ହେଲେ ଏହି ରସ୍ତାଦେଇ ଭଙ୍ଗାପୋଲରେ ଯିବା ଆସିବା କରୁଥିବା ୫୦ ଖଣ୍ଡ ଗାଁର ଲୋକେ ପୁଣି ହଇରାଣ ହେବେ। ଏହାକୁ ଗୁରୁତ୍ୱର ସହିତ ଜିଲ୍ଲା ପ୍ରଶାସନ ଧ୍ୟାନ ନଦେଲେ ଅଞ୍ଚଳବାସୀଙ୍କ ପାଇଁ ତିଆରି ଅରଡ଼େଇ ସେତୁ ମୂଲ୍ୟହୀନ ହେବ ବୋଲି ମତ ପ୍ରକାଶ ପାଇଛି।

## ଦ୍ୱାରଶୁଣୀ ଘାଟିରେ ପୁଣି ଦୁର୍ଘଟଣା; ଜଣେ ମୃତ

**ବିଶୋଇ, ୩।୬ (ସମିସ):** ଦ୍ୱାରଶୁଣୀ ଘାଟିରେ ପୁଣି ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୋମବାର ୪୯ ନଂ ଜାତୀୟ ରାଜପଥ ସ୍ଥିତ ଦ୍ୱାରଶୁଣୀ ଘାଟିରେ ଆଜି ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ବିଶୋଇ ଥାନା ଅନ୍ତର୍ଗତ ସାନବାଲିଚୁଆ ଗ୍ରାମର ନାରାଣ କାଣ୍ଡାକେଲଙ୍କ ବଡ଼ ପୁଅ ଡାକ୍ତର (୨୨)। ସୂଚନା ଅନୁସାରେ, ଆଜି ମଧ୍ୟାହ୍ନ ସମୟରେ ଡାକ୍ତର ଆଜି କୌଣସି କାମରେ ଏକ ବାଇକ ଯୋଗେ ବାଙ୍ଗିରିପୋଷିକୁ ଯାଉଥିଲେ। ହେଲେ ବାଙ୍ଗିରିପୋଷି ଘାଟିରେ ଏକ ଅଜଣା ଗାଡି ଧକ୍କା ଦେବାରୁ ସେରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ପଥଚାରୀମାନେ ତାଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଡାକ୍ତରଖାନାକୁ ଆଣିଥିଲେ; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍‌କୁ ପଠାଇଥିବା ଜଣାପଡ଼ିଛି। ଯୁବକର ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

## ଯୌତୁକ ନିର୍ଯାତନା ଅଭିଯୋଗ ନେଇ ମାମଲା

**ବେତନଟୀ, ୩।୬(ସମିସ):** ପ୍ରଥମେ ପ୍ରେମ ଆଉ ତା'ପରେ ବିବାହ। ବିବାହର ତିନି/ଚାରିମାସ ପରେ ଅକଥନୀୟ ନିର୍ଯାତନା ସାଙ୍ଗକୁ ଅସହ୍ୟ ଯନ୍ତ୍ରଣାରେ ଅତିଷ୍ଠ ଅସହାୟ ସ୍ତ୍ରୀ ଜଣକ ଶେଷରେ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏତଲାକାରିଣୀ ଦୀପା ବାରିକଙ୍କ ଅଭିଯୋଗ ମୁତାବକ ଦହିକୋଟୀ ଉପକଣ୍ଠ ଭ୍ରମରଗୋଡା ଗ୍ରାମର ଖଗେଶ୍ୱର ବାରିକର ପୁଅ ଚିକୁନ ଓରଫ ରଣଜିତ ବାରିକ ଭଲପାଇ ବିବାହ କରିଥିଲେ; ହେଲେ ବିବାହର ୩/୪ ମାସ ପରେ ଅକଥନୀୟ ନିର୍ଯାତନା ଆରମ୍ଭ କରିଥିଲା। ମାସମାସ ଧରି ଶାରୀରିକ ଏବଂ ମାନସିକ ନିର୍ଯାତନା ସାଙ୍ଗକୁ ଅସହ୍ୟ ଯନ୍ତ୍ରଣାରେ ଅତିଷ୍ଠ ଅସହାୟ ଦୀପା ବାରିକ ଶେଷରେ ବେତନଟୀ ଥାନାରେ ଏତଲା ଦାଏର କରିଛନ୍ତି। ଦୀପାଙ୍କ ଏତଲାକୁ ଆଧାରକରି ପୁଲିସ ବିଭିନ୍ନ ଦଫାରେ ୧୬୯ ନମ୍ବରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## କଂଗ୍ରେସ କର୍ମୀଙ୍କ ଅକାଳ ବିୟୋଗ



**ଡୁରୁମୁଙ୍ଗା, ୩।୬(ସମିସ):** ପାଟଣା ବ୍ଲକ ରାଜନଗର ଗ୍ରାମର ଜଣାଶୁଣା କଂଗ୍ରେସ କର୍ମୀ ରଞ୍ଜନ କୁମାର ସିଂହ ଓରଫ ଟୁକୁନାଙ୍କ ରବିବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ହୃଦ୍‌ଘାତ ହେବା ପରେ ପରେ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବୈତରଣୀ ନଦୀ କୂଳରେ ସୋମବାର ସକାଳୁ ଅନ୍ତିମ ସଂସ୍କାର କରାଯାଇଛି। ପୁତ୍ର ଯୁବରାଜ ମୁଖାଗ୍ନି ଦେଇଥିଲେ। ରଞ୍ଜନଙ୍କ ବିୟୋଗରେ ପୂର୍ବତନ ବିଧାୟକ ହୃଷୀକେଶ ନାଏକ, କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ବ୍ଲକ କଂଗ୍ରେସ ସଭାପତି କୈଳାସ ଚନ୍ଦ୍ର ବାରିକ ଓ ବରିଷ୍ଠ କଂଗ୍ରେସ ନେତା ଇଂ. ବିଦ୍ୟାଧର ଦାଶ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଆନନ୍ଦପୁର କଲେଜର ୪ ଛାତ୍ରୀଙ୍କ ସଫଳତା









**ଆନନ୍ଦପୁର, ୩।୬ (ସମିସ)** ଚଳିତ ବର୍ଷ ପ୍ରକାଶ ପାଇଥିବା ଯୁକ୍ତ ତିନି ପରୀକ୍ଷାଫଳରେ ଆନନ୍ଦପୁର ମହାବିଦ୍ୟାଳୟର ୪ ଜଣ ଛାତ୍ରୀ ବିଶ୍ୱବିଦ୍ୟାଳୟସ୍ତରରେ ଟପ୍ପର ହୋଇ କୃତିତ୍ୱ ଅର୍ଜନ କରିଥିବା ଜଣାଯାଇଛି। ଆନନ୍ଦପୁର ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଛାତ୍ରୀ ନନ୍ଦିନୀ ପତି ୧୨୧୫ ନମ୍ବର, ଦର୍ଶନଶାସ୍ତ୍ର ବିଭାଗର ଛାତ୍ରୀ ସୋନାଲି ରାଉତ ୧୧୮୭ ନମ୍ବର, ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀ ଦେବଲକ୍ଷ୍ମୀ ବେହେରା ୧୨୭୧ ନମ୍ବର ଏବଂ ବାଣିଜ୍ୟ ବିଭାଗର ସମ୍ମାନରେ ସୁପ୍ରିୟା ରଣା ୧୨୦୩ ନମ୍ବର ରଖି ବିଶ୍ୱବିଦ୍ୟାଳୟ ଯଟପ୍ପର ହୋଇଥିବା ବେଳେ ସୁଶ୍ରୀ ରଣା ବେଷ୍ଟ ଗ୍ରାଜୁଏଟ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ସଫଳତାରେ ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଧ୍ୟକ୍ଷଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଭୋଟ ଗଣତି ପାଇଁ ପ୍ରଶିକ୍ଷଣ ଶିବିର

**କରଞ୍ଜିଆ, ୩।୬(ସମିସ):** ଆଜି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଭୋଟଗଣନା ହେବ। ଏଥିପାଇଁ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ଗଣନା ପାଇଁ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୭୦ ଜଣ ଅଧିକାରୀ ଅଂଶଗ୍ରହଣ କରି କିପରି ଇଭିଏମ୍ ଗଣନା ଶାନ୍ତି ଶୃଙ୍ଖଳାର ସହ ପରିଚାଳିତ ହୋଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ତେବେ କରଞ୍ଜିଆ ବିଧାନସଭା ଓ କେନ୍ଦୁଝର ଲୋକସଭା ପାଇଁ ଗୋଟିଏ କେନ୍ଦ୍ର ଓ ଯଶିପୁର ବିଧାନସଭା ଓ ମୟୂରଭଞ୍ଜ ଲୋକସଭା ପାଇଁ ଅନ୍ୟ ଏକ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ୧୪ଟି ଟେବୁଲ୍ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଟେବୁଲରେ ୨ ଜଣ ଲେଖାଏଁ ଅଧିକାରୀ ଗଣନା କରିବେ। ପ୍ରାରମ୍ଭରେ ପୋଷ୍ଟାଲ ବାଲଟ ଗଣନା କାର୍ଯ୍ୟ ହେବ ଏବଂ ଏହା ସକାଳ ୭ଟାରୁ ଆରମ୍ଭ ହେବ ବୋଲି ସହକାରୀ ନିର୍ବାଚନ ଅଧିକାରୀ ନିହାର ରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

## ବେଲପୋଷିରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ହଳଦା ଟିମ୍ ଚାମ୍ପିଅନ

**ରାଇରଙ୍ଗପୁର, ୩।୬(ସମିସ):** ଜାମଦା ବ୍ଲକ ଲାହାନ୍ତ ଯୁବକ ସଂଘ ବେଲପୋଷି ତରଫରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜାମଦା ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ ଯୋଗଦେଇଥିଲେ। ହଳଦା କ୍ରିକେଟ ଟିମ୍ ଓ ସେଭେନ୍ ଷ୍ଟାର୍ ଶରତ କ୍ରିକେଟ୍ ଟିମ୍ ଜାମଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହଳଦା କ୍ରିକେଟ୍ ଟିମ୍ ୫୭ରୁ ଅଧିକ ରନ୍ କରି ଚାମ୍ପିଅନ ହାଇେଥିଲା। ମୁଖ୍ୟ ଅତିଥି ଜାମଦା ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ନାଏକ ବାବା ଖୁଦୁ ମୁର୍ମୁ, ଚାନ୍ଦ୍ରାୟ ମୁର୍ମୁ, ଗାଁ ମୁଖିଆ ସାଲୁ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ। ସଂଘର ସଭାପତି ଡୁମୁକା ହେମ୍ବ୍ରମ, ସମ୍ପାଦକ ଆଲ୍ଲାହାନ୍ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ସନ୍ଦୀପ୍ କୁମାର ମାଝୀ ଓ ସଂଘର ସଦସ୍ୟମାନେ ଖେଳରେ ସହଯୋଗ କରିଥିଲେ।




## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କରଞ୍ଜିଆ, ୩।୬(ସମିସ):** କାଦଡିହା ରଘୁନାଥ ମହାବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୋହିଦାସ ମହାନ୍ତଙ୍କ ନିମନ୍ତେ ଏକ ଅବସରକାଳୀନ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ଡ. ଜ୍ୟୋତିର୍ମୟୀ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସଭାରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଶ୍ରୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ନିର୍ବାଚନ ଯୋଗୁଁ ମେ ମାସ ଶେଷରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଝୁମର ଗାୟକ ତଥା ନିଷ୍ଠାପର କର୍ମଚାରୀ, ଉଦ୍ୟୋଗୀ, ମେଳାପୀ ସ୍ୱଭାବର ଥିଲେ ବୋଲି ସଭାରେ କର୍ମଚାରୀ ମତବ୍ୟକ୍ତ କରିଥିଲେ। ସଭାରେ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭାଗବତ ଲେଙ୍କା ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ଭରତ ଚନ୍ଦ୍ର ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଯୌତୁକ ନିର୍ଯାତନା ଅଭିଯୋଗ ନେଇ ମାମଲା

**ବେତନଟୀ, ୩।୬(ସମିସ):** ପ୍ରଥମେ ପ୍ରେମ ଆଉ ତା'ପରେ ବିବାହ। ବିବାହର ତିନି/ଚାରିମାସ ପରେ ଅକଥନୀୟ ନିର୍ଯାତନା ସାଙ୍ଗକୁ ଅସହ୍ୟ ଯନ୍ତ୍ରଣାରେ ଅତିଷ୍ଠ ଅସହାୟ ସ୍ତ୍ରୀ ଜଣକ ଶେଷରେ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏତଲାକାରିଣୀ ଦୀପା ବାରିକଙ୍କ ଅଭିଯୋଗ ମୁତାବକ ଦହିକୋଟୀ ଉପକଣ୍ଠ ଭ୍ରମରଗୋଡା ଗ୍ରାମର ଖଗେଶ୍ୱର ବାରିକର ପୁଅ ଚିକୁନ ଓରଫ ରଣଜିତ ବାରିକ ଭଲପାଇ ବିବାହ କରିଥିଲେ; ହେଲେ ବିବାହର ୩/୪ ମାସ ପରେ ଅକଥନୀୟ ନିର୍ଯାତନା ଆରମ୍ଭ କରିଥିଲା। ମାସମାସ ଧରି ଶାରୀରିକ ଏବଂ ମାନସିକ ନିର୍ଯାତନା ସାଙ୍ଗକୁ ଅସହ୍ୟ ଯନ୍ତ୍ରଣାରେ ଅତିଷ୍ଠ ଅସହାୟ ଦୀପା ବାରିକ ଶେଷରେ ବେତନଟୀ ଥାନାରେ ଏତଲା ଦାଏର କରିଛନ୍ତି। ଦୀପାଙ୍କ ଏତଲାକୁ ଆଧାରକରି ପୁଲିସ ବିଭିନ୍ନ ଦଫାରେ ୧୬୯ ନମ୍ବରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## ବଜ୍ରପାତରେ ଜଳିଗଲା ଟ୍ରାନ୍ସଫର୍ମର

**କୁଆମରା, ୩।୬(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଉପର କଡଦାଠାରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ଜଳି ଯାଇଛି। ଉକ୍ତ ଟ୍ରାନ୍ସଫର୍ମରରୁ ବିଏସ୍‌ଏଲ ଟାୱାରକୁ ପ୍ରାୟ ୧୫ ବର୍ଷ ହେବ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଆଜି ପ୍ରବଳ ଗୁଲୁଗୁଳି ପରେ ଅପରାହ୍ନ ୩ଟାରେ ଛାତିଥରା ବଜ୍ରପାତ ସହ କ୍ରମାଗତ ଦୁଇ ଘଣ୍ଟା ଧରି ମୂଷଳଧାରାରେ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ବଜ୍ରପାତରେ ଟ୍ରାନ୍ସଫର୍ମରଟି ହୁତୁହୁତୁ ଜଳିବା ପରେ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ପାରିନଥିଲା। ଖବର ପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ବିଭାଗର ମୁଖ୍ୟ ପ୍ରମୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ।

## ଆଜି ୧୪ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ବିଜାତଳା, ୩।୬(ସମିସ):** ଆଜି ବହୁ ପ୍ରତିକ୍ଷୀତ ନିର୍ବାଚନ ଫଳ ପ୍ରକାଶିତ ହେବ। ସାରସକଣା ବିଧାନସଭା ଆସନର ୧୪ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେ ବ। ଏହି ନିର୍ବାଚନ ମଣ୍ଡଳୀରେ ୨୦୯୧୭୩ ଭୋଟର ମଧ୍ୟରୁ ୧୫୭୦୪୬ ଭୋଟର ତନ୍ମଧ୍ୟରୁ ୭୬୧୪୮ ପୁରୁଷ ଓ ୮୦୮୯୮ ମହିଳା ମତଦାନ ସାବ୍ୟସ୍ତ କରିଛନ୍ତି। ଅର୍ଥାତ ୭୫ ପ୍ରତିଶତ ଭୋଟର ନିଜ ପସନ୍ଦର ପ୍ରାର୍ଥୀ ବାଛିଛନ୍ତି। ତେବେ କିଏ ନିର୍ବାଚନୀ ବୈତରଣୀ ପାର ହେଉଛନ୍ତି ଦେଖିବାକୁ ବାକି ରହିଲା।

## ଷ୍ଟ୍ରିଟ୍‌ଲାଇଟ୍ ଅଚଳ, ମରାମତିକୁ ନିଘା ନାହିଁ



**ରାମଚନ୍ଦ୍ରପୁର, ୩।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ରଜକ ସାହି ଠାରୁ ଶିଶୁ ମନ୍ଦିର ପର୍ଯ୍ୟନ୍ତ ଜିଲ୍ଲା ଖଣିଜ ପାଣ୍ଠିରୁ ଲଗାଯାଇଥିବା ୧୫ରୁ ଊର୍ଦ୍ଧ୍ୱ ଷ୍ଟ୍ରିଟ୍ ଲାଇଟ ଗୁଡିକ ଦୀର୍ଘ ତିନି ମାସ ହେଲା ଅଚଳ ହୋଇପଡ଼ିଛି। ଫଳରେ ଲୋକେ ଅନ୍ଧାରରେ ରହି ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ଧାର ଯୋଗୁଁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଛି। ଅଳତି ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଏଠାରେ ରାଷ୍ଟ୍ରାୟତ ବ୍ୟାଙ୍କ, ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଅଫିସ, ସମବାୟ ସମିତି, ଆୟୁର୍ବେଦିକ ଡାକ୍ତରଖାନା ଏବଂ ଅନେକ ଛୋଟ ବଡ ବ୍ୟବସାୟିକ ପ୍ରତିଷ୍ଠାନ ରହିଥିବାରୁ ଅଧିକାଂଶ ସମୟରେ ଜନଗହଳୀ ରହିଥାଏ। ଯଥାଶିଘ୍ର ଷ୍ଟ୍ରିଟଲାଇଟ ଗୁଡିକ ମରାମତି କରି ଆଲୋକୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ କରିଛନ୍ତି।

# ସମସ୍ତ ଭୋଟ ଗଣତି କେନ୍ଦ୍ରରେ ୧୪୪ ଧାରା ଜାରି

**ବାରିପଦା, ୩।୬(ସମିସ)**



- ୨୪ ଘଣ୍ଟା ପାଇଁ ବନ୍ଦ ହେଲା ମଦ ଦୋକାନ
- ବିନା ଅନୁମତିରେ ବିଜୟ ଶୋଭାଯାତ୍ରାକୁ ବାରଣ

ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଭୋଟ ଗଣତି କେନ୍ଦ୍ରରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏହି ଆଦେଶ ଜାରି କରିଛନ୍ତି। ସାଧାରଣ ନିର୍ବାଚନ ୨୦୨୪ର ଭୋଟ ଗଣତି ପାଇଁ ମୟୂରଭଞ୍ଜ ଜିଲ୍ଲାରେ ହୋଇଥିବା ସମସ୍ତ ଗଣତି କେନ୍ଦ୍ରରେ ଏହା ଲାଗୁ ହେବ। ଭୋଟ ଗଣତି ସକାଳ ୭ଟାରୁ ଆରମ୍ଭ ହୋଇ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟ ମଧ୍ୟରେ ଗଣତି କେନ୍ଦ୍ରଠାରୁ ୫୦୦ ମିଟର ଦୂରତା ମଧ୍ୟରେ ଗହଳି ଏପରିକି ୫ରୁ ଅଧିକ ବ୍ୟକ୍ତି ଏକାଠି ହୋଇପାରିବେ ନାହିଁ। ବୈଧ ପରିଚୟପତ୍ର ନ ଥିଲେ ଗଣତି କେନ୍ଦ୍ର ମଧ୍ୟକୁ କାହାରିକୁ ପ୍ରବେଶ ଅନୁମତି ଦିଆଯିବନାହିଁ। ମୋବାଇଲ ଫୋନ ମଧ୍ୟ ଗଣତି କେନ୍ଦ୍ରକୁ ନେବାକୁ ବାରଣ କରାଯାଇଛି। ସେହିପରି ୪ ତାରିଖରେ ଜିଲ୍ଲାରେ ବିନା ଅନୁମତିରେ କୌଣସି ବିଜୟ ଶୋଭାଯାତ୍ରା ହୋଇପାରିବ ନାହିଁ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲାର ସମସ୍ତ ମଦଦୋକାନ ସୋମବାର ମଧ୍ୟରାତ୍ରରୁ ମଙ୍ଗଳବାର ମଧ୍ୟରାତ୍ର ପର୍ଯ୍ୟନ୍ତ ବନ୍ଦ ପାଇଁ ଶ୍ରୀ ସିନ୍ଦେ ଆଦେଶ ଦେଇଛନ୍ତି। ପ୍ରକାଶ ଥାଉକି, ମୟୂରଭଞ୍ଜ ଲୋକସଭା ଓ ଏହା ଅଧୀନରେ ଥିବା ବାରିପଦା, ବାଙ୍ଗିରିପୋଷି, ମୋରଡା, ଉଦଳା, ସାରସକଣା, ଯଶିପୁର ଓ ରାଇରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ କେନ୍ଦୁଝର ଲୋକସଭା ଅଧୀନ କରଞ୍ଜିଆ ଓ ବାଲେଶ୍ୱର ଲୋକସଭା ଅଧୀନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲାର ୫ଟି ସ୍ଥାନରେ ଭୋଟଗଣତି ପାଇଁ ପ୍ରସ୍ତୁତି ଶେଷ ହୋଇଛି। କରଞ୍ଜିଆ ସ୍ୱୟଂଶାସିତ କଲେଜରେ କରଞ୍ଜିଆ ଓ ଯଶିପୁର ନିର୍ବାଚନ ମଣ୍ଡଳୀ, ରାଇରଙ୍ଗପୁର ମହିଳା କଲେଜରେ ରାଇରଙ୍ଗପୁର ଓ ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀ, ବାରିପଦା ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୋରଡା, ବଡସାହି ଓ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଶିକ୍ଷକ ଟ୍ରେନିଂ କେନ୍ଦ୍ରରେ ବାରିପଦା ନିର୍ବାଚନ ମଣ୍ଡଳୀ ଓ ଉଦଳା କଲେଜରେ ଉଦଳା ନିର୍ବାଚନ ମଣ୍ଡଳୀ ପାଇଁ ଗଣତି ହେବ।

